# ପିଲାଙ୍କ କଥା (ଓରାଓଁ)

## ପ୍ରଥମ ଭାଗ

**ବହୁଭାଷୀ ଶିକ୍ଷଣ କାର୍ଯ୍ୟକ୍ରମ ଆଧାରରେ ପିଲା ଓ
ଶିକ୍ଷକଙ୍କ ନିମନ୍ତେ ଅତିରିକ୍ତ ପୁସ୍ତିକା**


ନିର୍ଦ୍ଦେଶକ
ପ୍ରଫେସର ଅଖିଳ ବିହାରୀ ଓତା

ପ୍ରସ୍ତୁତି
ଓରାଓଁ ସଂସାଧକ ମଣ୍ଡଳୀ
ଫକୀର କିସ୍‌ପଟା
ହିଲାରୁସ ତିର୍କି
ସୁଶାନ୍ତ ଓରାମ

ସଂଯୋଜନା
ଡ଼ଃ ପରମାନନ୍ଦ ପଟେଲ

ଅଳଙ୍କରଣ
ପ୍ରିୟରଞ୍ଜନ ବରାଳ



ପ୍ରକାଶକ
ଆଦିବାସୀ ଭାଷା ଓ ସଂସ୍କୃତି ଏକାଡେମୀ
ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର



Director :
**Prof. (Dr.) A.B. Ota**

Prepared by :
**Oraon Resource Group**
**Phakir Kispotta**
**Hilarus Tirkey**
**Susanta Oraon**

Co-ordinator :
**Dr. Paramananda Patel**

Illustration :
**Priyaranjan Baral**



Published by :
**Academy of Tribal Languages & Culture**
ST & SC Development Department,
Govt. of Odisha, Bhubaneswar

# ମୁଖବନ୍ଧ

ଆମ ଓଡ଼ିଶାରେ ୬୨ ଜନଜାତି ସମ୍ପ୍ରଦାୟ ବସବାସ କରନ୍ତି । ଏମାନଙ୍କ ମଧ୍ୟରେ ୨୨ ଗୋଟି ଭାଷା ପ୍ରଚଳିତ ଥିବାର ନଜରକୁ ଆସିଛି । ପୁନଶ୍ଚ ପ୍ରତ୍ୟେକ ଜନଜାତି ଗୋଷ୍ଠୀର ଆଞ୍ଚଳିକତା ଭେଦନେଇ ଏହି ଭାଷାଗୁଡ଼ିକ ଅନେକ ଉପଭାଷା; ବୋଲି ତିଆରି କରି ଦେଇଛି । ତେଣୁ ଏହା ବିସ୍ତରକୁ ନେଲେ ଅନେକ ଭାଷା-ଉପଭାଷାର ସମାହାର ଏକ ବୈଚିତ୍ର ପରିବେଶ ସୃଷ୍ଟି କରେ ।

ଦ୍ୱିତୀୟତଃ, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଦ୍ୱାରା ଯେଉଁ କେତେକ ବିଦ୍ୟାଳୟ ପରିଚାଳିତ ସେଠିକାର ଭାଷା ବ୍ୟବସ୍ଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସ୍କୁଲଠାରୁ ଭିନ୍ନ । ଏଠାରେ ପଢୁଥିବା ପିଲାମାନଙ୍କ ପାଇଁ ଆବାସିକ ସୁବିଧା ଥିବାରୁ ବାହାର ଅଞ୍ଚଳରୁ ଓ ଭିନ୍ନ ଭିନ୍ନ ଗୋଷ୍ଠୀରୁ ପିଲାମାନେ ଆସନ୍ତି । ପ୍ରତ୍ୟେକଙ୍କ ଭାଷା-ସଂସ୍କୃତି ଅପରଠାରୁ ଭିନ୍ନ । ଏକୁ ଆରେକ ବୁଝିବାରେ ଅକ୍ଷମ । ପୁଣି ଏମାନେ ରାଜ୍ୟ ବ୍ୟବସ୍ଥାରେ ପାଠ ପଢ଼ନ୍ତି । ଶିକ୍ଷକ ମଧ୍ୟ ରାଜ୍ୟ ବ୍ୟବସ୍ଥା ସହ ଜଡ଼ିତ, ତେଣୁ ଏଠାରେ ପ୍ରକୃତରେ ଏକ ବହୁ ଭାଷିକ କ୍ଷେତ୍ର ପ୍ରସ୍ତୁତ ହୁଏ; ଯେଉଁଠି ଶିକ୍ଷକ ପାଇଁ ସ୍ୱତନ୍ତ୍ର ଦକ୍ଷତାର ଆବଶ୍ୟକତା ଦେଖାଦିଏ ।

ଏହି ଦକ୍ଷତା ସାଧନକୁ ପୁର୍ତ୍ତି କରିବା ପାଇଁ କିଛି ଶିକ୍ଷଣୀୟ ସାଧନ ପୁସ୍ତିକା ସହ ସ୍ୱତନ୍ତ୍ର ତାଲିମ୍ ବ୍ୟବସ୍ଥାର ଆବଶ୍ୟକତା ଅନୁଭୂତ ହୁଏ, ଯାହା ଭିନ୍ନ ଭିନ୍ନ ଭାଷା-ସଂସ୍କୃତିର ପିଲାମାନଙ୍କୁ ଏକତ୍ର ବାନ୍ଧିବାରେ ଓ ଶିକ୍ଷଣ ପ୍ରକ୍ରିୟାରେ ସାମିଲ୍ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ ।

ପଦକ୍ଷେପ ସ୍ୱରୂପ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ପ୍ରାଥମିକ ଶିକ୍ଷକମାନଙ୍କୁ ବହୁଭାଷୀ ଶିକ୍ଷଣରେ ଦକ୍ଷତା ହାସଲ ଉପରେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରସ୍ତୁତ ସହ ପର୍ଯ୍ୟାୟ କ୍ରମେ ତାଲିମ୍ ପ୍ରଦାନ କରାଯାଉଛି । ଦ୍ୱିତୀୟତଃ, ପ୍ରଥମ, ଦ୍ୱିତୀୟ ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ପାଠ୍ୟ ପୁସ୍ତକ ଆଧାରିତ ଶବ୍ଦକୋଷ, ଯାହା ଶିକ୍ଷକଙ୍କ ନିମନ୍ତେ ଉଦ୍ଦିଷ୍ଟ ଏବଂ ତୃତୀୟତଃ ପିଲାମାନଙ୍କ ପଢ଼ିବା ପାଇଁ ତାଙ୍କ ଭାଷା, ସଂସ୍କୃତି ଓ ପରମ୍ପରା ଓ ରାଜ୍ୟ ଭାଷା ଆଧାରିତ କିଛି ମନଛୁଆଁ ଚିତ୍ରଭିତ୍ତିକ କାହାଣୀ, ଗୀତ-ପହଲିର ଅତିରିକ୍ତ ପୁସ୍ତିକା ପ୍ରସ୍ତୁତ କରାଯାଉଛି ।

ଏହା ପିଲାମାନଙ୍କୁ କେବଳ ଯେ ଆନନ୍ଦ ଦେବ ତା ନୁହେଁ, ତାଙ୍କ ସଂସ୍କୃତିର ଅନେକ ଉପାଦେୟ ବିଷୟ କିପରି ମୁଖ୍ୟ ସଂସ୍କୃତିକୁ ପ୍ରଭାବିତ କରୁଛି ତା ଉପରେ ଧାରଣା ଦେବ ।

ପ୍ରସ୍ତୁତ ଓରାଓଁ ଭାଷାର ପ୍ରଥମ ଭାଗରେ ସନ୍ନିବିଷ୍ଟ କାହାଣୀ ଗୁଡ଼ିକର ସ୍ଥାନୀୟ ସାଂସ୍କୃତିକ ଉପାଦାନକୁ ପ୍ରାଧାନ୍ୟ ଦିଆଯାଇଛି । ଏକ ବୃହତ୍ତର ଜନ ସମୁଦାୟର ସଂସ୍କୃତି କିପରି ପରସ୍ପରକୁ ପୁଷ୍ଟ କରିଛି ଓ ନିଜର କରିଛି ତାର ଏକ ଝଲକ ଏହି ପୁସ୍ତିକାରୁ ମିଳିପାରିବ ।

**ଅଖିଳ ବିହାରୀ ଓତା**

# ସମ୍ମା ଆଉର ଶୁକ୍ରୁସ୍ ହି ଦାୟ୍ମା
# (ସମ୍ମା ଓ ଶୁକ୍ରୁର ଦୟାଭାବ)

ସମ୍ମା ଆଉର ଶୁକ୍ରୁ ଦୁଇ ଭାଇ ରାହାଗ୍ୱର୍ । ଉନ୍ଦୁଲ୍ ଦୁଇୟଝାନ୍ ବଲ ବେଗ୍ୱଗେ ମାଏଦାନ୍ କେରାର୍ । ବେଚ ବାରି ବଲ ମାଏଦାନ୍ ହି କଅଣା ନୁ ବଙ୍ଗା କେରା । ସମ୍ମାସ୍ ବଙ୍ଗତେ ବଲାନ୍ ଅନ୍ଦ୍ରାଗେ କେରାସ୍ । ଆସାନ ଇରିଆସ୍ ଅଣ୍ଟେ ଆଲ୍ଲା ଖାଦ୍ଦ କୁଁ କୁଁ ଚିଖାଁଲି । ସମ୍ମାସ୍ ଶୁକ୍ରୁସିନ୍ ମିଖୃଆସ୍ । ଆବଡ଼ାର ଆଲ୍ଲା ଖାଦ୍ଦନ୍ ଅନ୍ଦ୍ରାକି ମାଏଦାନ୍ ନୁ ମାଡ଼ା ବାଗ୍ୱର । ଆଲ୍ଲା ଖାଦ୍ଦ ହି ଖେଡ୍ଡେନୁ ଗ୍ଲେଟ୍ ଲା କ୍ନି ଗ୍ୱ । ଆସଲେକ୍ ଖେଁସ୍ ଚୁର୍ଖା ଲିଆ । ଆବଡ଼ାର ଆଲ୍ଲା ଖାଦ୍ଦନ୍ ଏଡ଼୍ପା ଅନ୍ଦ୍ରାର । ଆବଡ଼ାର ଖାଦି ଆଡ୍ଡାନ ସଫା ନାନା କରି ପାଟି ହେଁଚାର୍ ।



ସମ୍ମା ଓ ଶୁକ୍ରୁ ଦୁଇ ଭାଇ ଥିଲେ । ଦିନେ ଦୁହେଁ ବଲ ଖେଳିବା ପାଇଁ ପଡ଼ିଆକୁ ଗଲେ । ଖେଳିବା ସମୟରେ ବଲଟି ପଡିଆର କୋଣକୁ ଚାଲିଗଲା । ସମ୍ମା ଦୌଡ଼ି ଦୌଡ଼ି ବଲକୁ ଆଣିବା ପାଇଁ ଗଲା । ସେଠି ଦେଖିଲା ଗୋଟିଏ କୁକୁର ଛୁଆ କୁଁ କୁଁ କରି କାନ୍ଦୁଛି । ସମ୍ମା ଶୁକ୍ରୁକୁ ଡାକି ଦେଖାଇଲା । ସେମାନେ କୁକୁର ଛୁଆକୁ ଧରି ଆଣି ପଡ଼ିଆରେ ରଖିଲେ । କୁକୁର ଛୁଆର ଗୋଡରେ ଗ୍ଲେଟ୍ ବାଜିଥିଲା । ସେହି ସ୍ଥାନରୁ ରକ୍ତ ଝରୁଥିଲା । ସେମାନେ କୁକୁର ଛୁଆକୁ ଘରକୁ ନେଇଗଲେ । ସେମାନେ ଘା' ଜାଗାକୁ ସଫା କରି ଔଷଧ ଦେଇ ପଟି ବାନ୍ଧି ଦେଲେ ।

ମାଝି ମାଝିନୁ ଆବଡ଼ାର୍ ପାଟିନ୍ ଖଲ୍ଆ ଲିଆର୍ । ଖା ଦିନ୍ ନଅଡା ଲିଆର୍ । ଆଉର୍ ମାନ୍ଦାର୍ ଚିଆକି ପୁନା ପାଟି ହେଆଁଲିଆର୍ । ଆଲ୍ଲା ଖାଢ ଧିରେଧିରେ ବେଶ୍ ମାନ୍ତେ ବାର୍ଆଲିଆ । ଆଦ୍ କାଟିକ୍ କୁଦ୍ଦା ନୁଙ୍ଗା ନାନାଗେ ସୁରୁ ନାଞ୍ଜା । ଆବଡାର୍ ଆଦିହି ନାମେ ଚିଚ୍ଛାର୍ କାଲିଆ ।ଏଅଁଦା ଉଲ୍ଲା କେର୍କାତି କାଲିଆ ପୁରା ବେଶ୍ ମାଞ୍ଜା କେରା । ଆଦ୍ ସମ୍ମା ଆଉର୍ ଶୁକ୍ରୁସ୍ ସାଙ୍ଗେ ବଙ୍ଗ୍ନା ହାରଜିତ୍ନୁ ଭାଗ ହର୍ର ।



ମଝି ମଝିରେ ସେମାନେ ପଟିକୁ ଖୋଲୁଥିଲେ । ଘା କୁ ଧୋଇ ସଫା କରୁଥିଲେ । ଆଉ ଔଷଧ ଦେଇ ନୂଆ ପଟି ବାନ୍ଧୁଥିଲେ । କୁକୁର ଛୁଆ ଧିରେ ଧିରେ ଭଲ ହେବାକୁ ଲାଗିଲା । ସେ ଟିକେ ଚଲାବୁଲା କରିବା ଆରମ୍ଭ କଲା । ସେମାନେ ତା ନାମ ଦେଲେ 'କାଲିଆ' । କିଛି ଦିନ ଗଲାପରେ କାଲିଆ ପୁରା ଭଲ ହୋଇଗଲା । ସେ ସମ୍ମା ଆଉ ଶୁକ୍ରୁ ସହିତ ଖେଳିବା ଆରମ୍ଭ କଲା । ସେମାନଙ୍କ ସହିତ ଦୌଡ଼ ପ୍ରତିଯୋଗିତାରେ ଭାଗ ନେଲା ।

କାଲିଆ ଧିରେ ଧିରେ ସମ୍ମା ଆଉର ଶୁକ୍ରୁସ୍‌ହି ପୋଷ୍ ମାଞ୍ଜା । ଆବ୍‌ଡ଼ାର୍ ଏକାତାରା କାଲାଲିଆରଆଦ୍ ଆବ୍‌ଡ଼ାର୍ ହି, ଖଖା ଖଖା, କାଲାଲିଆ, ଆଦ୍ ତାମ୍‌ହାଏ କାଥ୍‌ଥା ମେନାକି ଚଲ୍‌ରାଲିଆ । କାଲିଆ ହରମାର୍‌ହି କାଥ୍‌ଥା ମାନ୍‌ଆକିରି ଏଡ଼୍‌ପା ଖାଆପାଲିଆ, ହର୍‌ମାର୍ ହି ଆଦାର୍ ହାଖା କି ରାଆଲିଆ ।



କାଲିଆ ଧିରେ ଧିରେ ସମ୍ମା ଓ ଶୁକ୍ରୁର କଥା ମାନିଲା । ସେମାନେ ଯେଉଁ ଆଡକୁ ଗଲେ ସେ ସେମାନଙ୍କ ପଛେ ପଛେ ଯାଉଥିଲା । ସେ ସେମାନଙ୍କର କଥା ମାନି ଚାଲୁଥିଲା । କାଲିଆ ସମସ୍ତଙ୍କର କଥା ମାନି ଘର ଜଗିଲା । ସମସ୍ତଙ୍କର ଆଦରଣୀୟ ହୋଇ ରହିଲା ।


# ଖେର୍ ହି ବୁଦ୍ଧି
# (କୁକୁଡ଼ାର ବୁଦ୍ଧି)

ଜାଙ୍ଗାଲ୍ ଅଣ୍ଟେ ରାହାଚ । ଜାଙ୍ଗାଲନୁ ସିକଟା ମାନ୍ତ୍ରୀ କାମ୍ ନାନାଲିଆ । ଆଦ୍ ଢେର୍ ଚଲାକ୍ ଆଉର ଚତୁର୍ ରାହାଚ । ଜାଙ୍ଗାଲ୍ ଲାଗ୍‌ଗା କରି ଅଣ୍ଟେ ଛଟେ ପାଦ୍ଧା ରାହାଚ । ଆ ପାଦ୍ଧାହି ଚଷିସ୍‌ହି ଏଡ଼ପାନୁ ଢେର୍ ଖେର୍ ପଷ୍‌କାଚର୍ । ଖେର୍ ଗୁଠି ହୁର୍‌ମି ଉଲ୍ଲା ବେଦ୍ଧା ମଅଖାଗେ ଜାଙ୍ଗାଲ୍ କାଲାଲିଆ ।ସିକ୍‌ଟା ଜାଙ୍ଗାଲନୁ କୁଦ୍ଧନା ଖେର୍ ଗୁଠିନ୍ ଇରଆ । ଖେର୍ ଗୁଠିନ୍ ଏକାସେ ମଅଖନ୍ ବାଆକିରି ଆଦ୍ ଅଣ୍ଟେ ବୁଦ୍ଧି ନାଞ୍ଜା ।ସିକଟା ଖେର୍ ଟିଁଖ ବାରି ଚଆକି ଚଷିସ୍ ହି ଏଡ୍‌ପା କେରା ।



ଜଙ୍ଗଲଟିଏ ଥିଲା । ଜଙ୍ଗଲରେ ବିଲୁଆ ମନ୍ତ୍ରୀ ଭାବରେ କାମ କରୁଥିଲା । ସେ ବହୁତ ଚଲାକ ଓ ଚତୁର । ଜଙ୍ଗଲକୁ ଲାଗି ଗୋଟିଏ ଛୋଟ ଗାଁ ଥିଲା । ସେହି ଗାଁର ଚଷି ଘରେ ବହୁତ କୁକୁଡ଼ା ପାଳିଥିଲେ । କୁକୁଡ଼ା ଗୁଡିକ ସବୁଦିନ ଜଙ୍ଗଲକୁ ଚରି ବୁଲିଯାଉଥିଲେ । ଦିନେ ବିଲୁଆ ଜଙ୍ଗଲରେ ବୁଲୁଥିବା କୁକୁଡ଼ା ମାନଙ୍କୁ ଦେଖିଲା । କୁକୁଡ଼ା ମାନଙ୍କୁ କିପରି ଖାଇବ ବୋଲି ସେ ଗୋଟିଏ ଉପାୟ କଲା । ବିଲୁଆ କୁକୁଡ଼ା ଡକା ସମୟରେ ଉଠି ସେହି ଚଷି ଘରକୁ ଗଲା ।

ଆଦ୍ ଏଡ଼୍ପାହି ଗ୍ୱରିଓ ତାରା କୁଢାକି ଇରିଆ । ହର୍ମାର୍ ଚୁଉତ୍ କାଆନାର୍ । ସିକ୍ଟା ଖେର୍ କୁସ୍ଲି ହେଢେ ଇଜ୍ଜା । ଖେର୍ କୁସଲି ହି ବାଲିନ୍ ଠକ୍ ଠକ୍ ନାଞ୍ଜା । ଗାଞ୍ଜା ଖେର୍ ଚଆକି ବାଲିନ୍ ଖଲ୍ଗ୍ୱ । ଇରିଆ ସିକ୍ଟା ଇଜ୍କି ରାଇ । ଖେର୍ ମେଞ୍ଜା - ଏତ୍‌ରେ ମାଆଖାନୁ ଏନ୍ଦେର୍ ମାଞ୍ଜା ସିକଟା ଭାଇ ? ସିକ୍ଟା ଭାଇ ବାଗ୍ୱ - ରାଜାସ୍ ନିଙ୍ଗାନ୍ ମାନ୍ତ୍ରୀ ପାଦ୍ ଚିଆଗେ ମିହିକା ଦାସ୍ । ନିନ୍ ଆଗାର୍ ରାଜାସ୍ ହେଢେ କଏ ହେଲେ ଆସ୍ ଜାରୁର୍ ନିଙ୍ଗାନ୍ ମାନ୍ତ୍ରୀ ନାନସ୍ ।



ସେ ଘର ଗ୍ୱରିପଟେ ବୁଲି ଦେଖିଲା ; ସମସ୍ତେ ଶୋଇ ପଡ଼ିଛନ୍ତି ।  ବିଲୁଆ କୁକୁଡ଼ା କୋଠି ପାଖରେ ଠିଆ ହେଲା । କୁକୁଡ଼ା ଶୋଇଥିବା କବାଟକୁ ଠକ୍ ଠକ୍ କଲା । ଗଞ୍ଜା କୁକୁଡା ଉଠି କବାଟକୁ ଖୋଲିଲା । ଦେଖିଲା ବିଲୁଆ ଠିଆ ହୋଇଛି । କୁକୁଡା ପଗ୍ୱରିଲା - ଏତେ ରାତିରେ କ'ଣ ହେଲା ବିଲୁଆ ନନା  ? ବିଲୁଆ ନନା କହିଲା - ରାଜା ତୁମକୁ ମନ୍ତ୍ରୀ ପଦ ଦେବାପାଇଁ ଡାକିଛନ୍ତି । ତୁମେ ଯଦି ରାଜା ପାଖକୁ ଯିବ , ତା ହେଲେ ନିଶ୍ଚିତ ମନ୍ତ୍ରୀ ପଦ ପାଇବ ।

ଖେର୍ ଚିନ୍ତା ନାନା କରି ବାଚ୍ଚ - ଏନ୍ କାଅନ୍ ଯେ, ଏ ଘାଂଏ ସାଙ୍ଗେସିନ୍ ହୁଁ ହଆକି କଅନ୍ । ସିକ୍‌ଟା ବାଚ୍ଚ - ଠିକ୍ ରାଇ ଅନ୍ଦ୍ରା । କିଛି ଅସୁବିଧା ମାଲ୍ଲା ।ଖେର୍ କାଲାକି ଟାଘାଂଏ ସାଙ୍ଗେ ଆଲ୍ଲାନ୍ ଚଅଦ୍‌ଆକି ଅନ୍ଦ୍ରା । ସିକ୍‌ଟା ଆଲ୍ଲାନ୍ ଏରାକି ଖଲାନ୍ ଟେକ୍‌ଆକି ବଂଗା ।ସିକ୍‌ଟାନ୍ ପାଦ୍ଧାଟା ହୁରମି ଆଲ୍ଲା କୁଦାବାଆକି ଜାଙ୍ଗାଲ ଆଣାସ୍ତା ଟିଚ୍ଚର୍ ।



କୁକୁଡ଼ା ଚିନ୍ତା କରି କହିଲା - ମୁଁ ଯିବି ଯେ ମୋ ସାଙ୍ଗକୁ ଭି ନେଇ କି ଯିବି । ବିଲୁଆ କହିଲା ଠିକ୍ ଅଛି ଆଣ । କିଛି ଅସୁବିଧା ନାହିଁ । କୁକୁଡ଼ା ଯାଇ ତା ସାଙ୍ଗ କୁକୁରକୁ ଉଠାଇ ଆଣିଲା । ବିଲୁଆ କୁକୁରକୁ ଦେଖି ଲାଞ୍ଜ ଉଠାଇ ଦୌଡ଼ିବାକୁ ଲାଗିଲା । ବିଲୁଆକୁ ଗାଁର ସବୁ କୁକୁର ଦୌଡ଼ାଇ ଜଙ୍ଗଲ ପହଞ୍ଚାଇ ଦେଲେ ।

# ଚାନ୍ଦ ଏନ୍ଦେର୍‌ଗେ ଖାଣିଆ ?
# (ଜହ୍ନ କାହିଁକି ଖଣ୍ଡିଆ ?)

ପାଢାନୁ ଅଣ୍ଟେ ପାଚ ରାଆଲିଆ । ଆଦ୍ ତାଘାଂଏ ବାଟକିନୁ ପୁଁପ୍ ବାଗିଚା ନାଞ୍ଜକିଚା । ବାଟକିନୁ ହାରେକ୍ ରାକାମ୍‌ହି ପୁଁପ୍ ପୁଇଁଦ୍ ଆକି ଢେର୍ ସୁନ୍ଦାର୍ ଏଥରାଲିଆ । ମାଆଖା ବାରି ଚାନ୍ଦ ପୁଁପ୍ ବାଟକିନ୍ ଇରିଆ । ଆଦ୍ ମାନେ ମାନେ ସୋଚ୍‌ଚା - ମାଆଖା ବାରି ଇ ପୁଁପ୍ ଗୁଠି ଏଘାଂଏ ତି ବାହୁତ ସୁନ୍ଦାର୍ ଏଥ୍‌ରାଲି । ଆଦିଗେ ଆଦ୍ ପୁଁପ ବାଗିଚାନ୍ ଇର୍ଷା ନାଞ୍ଜା । ଚାନ୍ଦ ମାଆଖା ବାରି ନୁଖୁର୍ ନୁଖୁର୍ ବାର୍‌ଆ କିରି ପୁଁପ ପେଶ୍‌ଗାଆକି ମାନ୍ନନ୍ ହିବିଡ୍‌ଚା । ପାଚ ଫେର୍ ପୁଁପ୍ ମାନ୍ନ ଲାଗାବାଚା । ବାଟ୍‌କିତା ପୁଁପ୍ ପୁଇଁଦ୍‌ଆ କି ବାହୁତ୍ ସୁନ୍ଦାର୍ ଏଥ୍‌ରା ଲିଆ । ବାସ୍ନା ଚାରିଓ ତାରା ମାହାକାରା କେରା ।



ଗାଁରେ ଗୋଟିଏ ବୁଢୀଟିଏ ଥିଲା । ସେ ତା ବାଡ଼ିରେ ଫୁଲ ବଗିଚା ଲଗାଇଥିଲା । ବଗିଚାରେ ବିଭିନ୍ନ ପ୍ରକାର ଫୁଲ ଫୁଟି ବହୁତ ସୁନ୍ଦର ଦେଖାଯାଉଥିଲା । ରାତ୍ରିରେ ଜହ୍ନ ଫୁଲ ବଗିଚାକୁ ଦେଖିଲା । ସେ ମନେ ମନେ ଭାବିଲା-ରାତ୍ରିରେ ଏ ଫୁଲ ଗୁଡିକ ମୋ ଠାରୁ ମଧ ଅଧିକ ସୁନ୍ଦର ଦେଖାଯାଉଛନ୍ତି । ତେଣୁ ସେ ଫୁଲ ବଗିଚାକୁ ଇର୍ଷା କଲା । ବୁଢ଼ି ସକାଳୁ ବଗିଚାକୁ ଆସିଲା । ସେ ଦେଖିଲା ବଗିଚାର ଫୁଲ ଗୁଡ଼ିକୁ କିଏ ଉପାଡ଼ି ଫିଙ୍ଗି ଦେଇଛି । ସେ ପୁଣି ଫୁଲ ଗଛ ଲଗାଇଲା । କିଛି ଦିନ ଗଲାପରେ ବଗିଚାରେ ଫୁଲ ଫୁଟି ଅଧିକ ସୁନ୍ଦର ଦେଖାଗଲା । ବାସ୍ନା ଚାରିଆଡ଼େ ମହକି ଗଲା ।


ବାଟକିତା ପୁଁପାନ୍ ଏରାକି ଚାନ୍ଦ ଆଉର୍ ସାହ୍ଆ ପଲ୍ଲା । ଆଦ୍ ଫେର୍ ନୁଖୁର୍ ନୁଖୁର୍ ବାର୍ଆକି ବାଟ୍କିତା ପୁଁପ ମାନ୍ନନ୍ ଚାଡ଼ଆ କି ହିବିଡ଼ିଚା । ପାଛ ପାଇରିମ୍ ବାଗିଚା କୁଦ୍ଧାଗେ କେରା । ଆଦ ଇରିଆ ଫେର୍ ବାଗିଚାତା ପୁଁପ୍ ଗୁଠିନ୍ ନେ ହାର ଚାଡ଼୍ଆକି ହିବିଡ଼ି କାଆନାର୍ । ନେ ଅଣ୍ଟେ ଖାରାପ୍ ଆଲାର୍ ପୁଁପ୍ ମାନ୍ନନ୍ ଚାଡ଼୍ଆ କି ହେବ୍ଡା ଚିଆନାର୍ ? ଆଦିଗେ ଆଦ୍ ମାଆଖା ବାରି ଖାପିଆ । ଚାନ୍ଦ ମାଆଖା ବାରି ନୁଖୁର୍ ନୁଖୁର୍ ବାର୍ଚା । ପୁଁପ୍ ମାନ୍ନ ଚାଡ଼୍ଆକି ହେବ୍ଡ଼ାଲିଆ । ଇଦିନ୍ ପାଛ ଇରିଆ । ହେଢେତା ଚିଛି ଲୁଠି ତି ଚାନ୍ଦ ହି ବାଇଆନ୍ ଦାଗ୍ଚି ଚା । ଆଉଲ୍ତେକ୍ ଚାନ୍ଦ ଖାଣ୍ଡିଆ ଇଥ୍ରି ।



ବଗିଚାର ଫୁଲ ଗୁଡିକୁ ଦେଖି ଜହ୍ନ ଆଉ ସହିପାରିଲା ନାହିଁ । ସେ ପୁଣି ଲୁଚି ଛପି ଆସି ବଗିଚାର ଫୁଲ ଗଛ ଗୁଡ଼ିକୁ ଉପାଡ଼ି ଫିଙ୍ଗି ଦେଲା । ବୁଢୀ ସକାଳୁ ବଗିଚା ବୁଲିବାକୁ ଗଲା । ସେ ଦେଖିଲା-ପୁଣି ବଗିଚାର ଫୁଲ ଗଛ ଗୁଡିକୁ କିଏ ଉପାଡ଼ି ଫିଙ୍ଗି ଦେଉଛନ୍ତି । କିଏ ଜଣେ ଖରାପ ଲୋକ ଫୁଲ ଗଛ ଉପାଡ଼ି ଫିଙ୍ଗି ଦେଉଛନ୍ତି ? ତେଣୁ ସେ ରାତିରେ ଜଗିଲା । ଜହ୍ନ ରାତିରେ ଚୁପ୍‌ଚାପ୍ ଲୁଚି ଛପି ଆସି ଫୁଲ ଗଛ ଗୁଡ଼ିକୁ ଉପାଡ଼ି ଫିଙ୍ଗୁଥିଲା । ଏଇ ସମୟରେ ବୁଢ଼ି ଦେଖିଲା । ପାଖରେ ଥିବା ନିଆଁ ଖୁଣ୍ଟାରେ ଚନ୍ଦ୍ରର ମୁହଁକୁ ଭୁସି ଦେଲା । ସେହି ଦିନଠୁ ଜହ୍ନ ଖଣ୍ଡିଆ ଦେଖାଗଲା ।

# ମିଟ୍ଟୁହି ସନା ପିଞ୍ଜ୍‌ରା
# (ମିଟ୍ଟୁର ସୁନା ପଞ୍ଜୁରି)

ଅଘଂନ ଆୟ୍ୟ ବାବା ଶୁଗା ପୋଷ୍‌କାଥର । ଆଦିନ ସନାହି ପିଞ୍ଜରାନୁ ଉଇଆ ଲିଆର୍ । ନାଗାଦ୍ ନାଗାଦ୍ ଅନ୍ନା ମଅଖନା ଚିଆଲିଆର୍ । ହର୍‌ମାର୍ ଆଦିନ୍ ଦୁଲାର୍ ବାଲାର୍ ତି ମେ'ଖାଲିଆର୍ "ମିଟ୍ଟୁ"। ମିଟ୍ଟୁ କାଥ୍‌ଥା ଲାଗ୍‌ଗାଲିଆ । ଡାଣ୍ଡି ପାଆଡ଼ା ଲିଆ । ପୁନା ଆଲାର୍ ବାରଚକୁନ୍ ଖାବାର୍ ଚିଆଲିଆ । ହର୍‌ମାର୍ ହି ପ୍ରିୟ ରାହାଥ । ବାବାସ୍ ପାଛିଆସ୍ କେରାସ୍ । କୁଦା ନୁଙ୍ଗା ପଲ୍ଲାସ୍ । ଖ'ଖା ତାଘାଂଏ ଜୀଆ ଥଇଲ୍ କେରା । ହର୍‌ମାର୍ ଚିଇଖାଁ ଗେ ଲାଗ୍‌ଗିଆର୍ । ମିଟ୍ଟୁ ହୁଁ ଚିଇଖାଁ ଲାଗିଆ । ପାରିବାର୍‌ତା ଆଲାର୍ ଦୁଖ୍‌ତି ଅନ୍ନା ମଅଖନାନ୍ ଅମ୍ବିଥର୍ । ଆବଡ଼ାରିନ୍ ଏରାକିରି ମିଟ୍ଟୁ ହୁଁ ଅନ୍ନା ମଅଖନାନ୍ ଆମ୍ବିଥ ।



ଥରେ ବାପା ମାଁ ଶୁଆ ପୋଷିଥିଲେ । ତାକୁ ସୁନାର ପଞ୍ଜୁରିରେ ରଖୁଥିଲେ । ଭଲ ଭଲ ଖାଦ୍ୟ ଖାଇବାକୁ ଦେଉଥିଲେ । ସମସ୍ତେ ତାକୁ ସ୍ନେହ ଆଦରରେ ଡାକୁଥିଲେ "ମିଟ୍ଟୁ" । ମିଟ୍ଟୁ କଥା ଲାଗୁଥିଲା ; ଗୀତ ଗାଉଥିଲା । ନୂଆ ଲୋକ ଆସିଲେ ଖବର ଦେଉଥିଲା । ସମସ୍ତଙ୍କର ପ୍ରିୟ ଥିଲା । ବାପା ବୃଦ୍ଧ ହୋଇଗଲେ । ଚଲାବୁଲା କରିପାରିଲେ ନାହିଁ । ପରେ ତାଙ୍କର ଜୀବନ ଚାଲିଗଲା । ସମସ୍ତେ କାନ୍ଦିବାକୁ ଲାଗିଲେ । ମିଟ୍ଟୁ ମଧ କାନ୍ଦିବାକୁ ଲାଗିଲା । ପରିବାରର ଲୋକ ଦୁଃଖରେ କିଛିଦିନ ଖାଇବା ପିଇବା ଛାଡ଼ି ଦେଲେ । ଏହାକୁ ଦେଖି ମିଟ୍ଟୁ ମଧ ଖାଇବା ପିଇବା ବନ୍ଦ କରିଦେଲା ।

ଡାଙ୍ଗିୟ୍ଯ ମିଟୁ ଗେ ସନା ହି ଗିନାନୁ ମଅଖାଗେ ଚିଓ୍ଵ । ଭାଇ ବାହିନ୍ ଗୁଠିଆର୍ ଡାଙ୍ଗାଗେ ହାରେକ ରାକାମହି ଫାଲ୍‌ମୂଲ ମଅଖା ଗେ ଚିଓ୍ଵର୍ । ମିଟୁ ମାଲ୍ ମଅଖା । ମିଟୁ ପିଞ୍ଜରା ଭିତ୍‌ରେ ଛାଟ ପାଟ୍‌ରା । ଜୋର୍ ସେ କିର୍‌ଲାଓ୍ଵ । ଆଉର୍ ଆଦ୍ ଚିଇଁଖା ଗେ ସୁରୁନାଞ୍ଜା । ମିଟୁ ହି ଆବସ୍ଥାନ୍ ଏରାକି ପାରିବାର୍‌ତା ଆଲାର୍ ମିଟୁ ହି ଦୁଖାନ୍ ବୁଝ୍‌ରା ଉଙ୍ଗିଆର । ଆଦିନ୍ ପିଞ୍ଜରାତି ଆମ୍ବିଓ୍ଵର୍ । ମିଟୁ ସନା ପିଞ୍ଜରାତି ଉର୍‌ଖା କି ଉତ୍ତାର୍ ଦିଗ୍ ତାରା ବଙ୍ଗା । ଏକା ତାର୍‌ତି ନାମ୍‌ହାଏ ପୁରଖାର୍ ବାର୍‌ଚକାଓ୍ଵର । ମିଟୁ ବାଦାଲିନୁ ଉଢ଼ିଆରଆଲିଆ । ପାରିବାର ତା ଆଲାର୍ ଏରାଲିଆର୍ । ଆଉର୍ ଆଦ୍ ଖ'ଖା ତାରା ମାଲ୍ ଇରିଆ । ଢେର୍ ଗେଛା ଉଢିଆର୍‌ନା ଖଖାନୁ ଆଦ୍ ଆଉର୍ ମାଲ୍ ଏଥିରା ।



ମାଁ ତା ପାଇଁ ସୁନା ଥାଳିରେ ଖାଇବାକୁ ଦେଲା । ଭାଇ ଭଉଣୀ ମାନେ ତାକୁ ବିଭିନ୍ନ ପ୍ରକାର ଫଳ ମୂଳ ଖାଇବାକୁ ଦେଲେ । ମିଟୁ ଖାଇଲା ନାହିଁ । ମିଟୁ ପିଞ୍ଜରା ଭିତରେ ଛଟ ପଟ ହେଲା । ଜୋର୍‌ରେ ପାଟି କଲା । ଆଉ ସେ କାନ୍ଦିବାକୁ ଆରମ୍ଭ କଲା । ମିଟୁର ଅବସ୍ଥାକୁ ଦେଖି ପରିବାର ଲୋକ ମିଟୁର ଦୁଃଖକୁ ବୁଝିପାରିଲେ । ତାକୁ ପିଞ୍ଜରାରୁ ଖୋଲିଦେଲେ । ମିଟୁ ସୁନା ପିଞ୍ଜରାରୁ ବାହାରି ଉତ୍ତର ଦିଗକୁ ଚାଲିଗଲା । ଯେଉଁ ପଟରୁ ଆମ ପୂର୍ବ ପୁରୁଷ ମାନେ ଆସିଥିଲେ । ମିଟୁ ଆକାଶରେ ଉଡ଼ି ଚାଲିଥିଲା । ପରିବାରର ଲୋକ ଚାହିଁ ରହିଥିଲେ । ଆଉ ସେ ପଛକୁ ଦେଖିଲା ନାହିଁ । ବହୁତ ଦୂରକୁ ଚାଲିଗଲା ପରେ ଆଉ ଦେଖାଗଲା ନାହିଁ ।

# ଭାଦାଡ଼ି ବିଇ ମାଲ ଟିଡ଼ଇ
# (ବାଦୁଡ଼ି ଅଣ୍ଡା ଦିଏନାହିଁ)

ଢେର୍ ଉଲ୍ଲାତା କାଥ୍ଥା । ଭାଦ୍ଡ଼ି ଆଗେ ବିଇ ଟିଡ଼୍ଆଲିଆ । ଉନ୍ଦୁଲ୍ ଭାଦ୍ଡ଼ି ମାନ୍ନହି କିଇତା ଡାଆଡ଼ିନୁଖତା ଆଟ୍ଠାଲିଆ । ଆଦିନ୍ ପିଓ ଅଡ଼ା ଇରିଆ । ଆଦ୍ ବାଚ୍ଚ-ନିନ୍ ଇସାନ୍ ଖତା ଆମା ଆଟ୍ଠାଏ । ଆଲାର୍ ନିଘାଂଏ ବିଇନ୍ ହଅର୍ କଅର୍ । ଆଦିଗେ ଭାଦାଡ଼ି ମାନ୍ନହି ମାଇଁଆ ଡାଡ଼ିନୁ ଖତା ନାଞ୍ଜା । ଖତାନୁ ବିଇ ଟିଡା । ଢେର୍ ଧୁକା ଝାଡ଼ି ବାର୍ଚ୍ଚ । ଝାଡ଼ି ଧୁକା ଖତାନ୍ ଆଉର୍ ବିଇନ୍ ହିବ୍ଡ଼ି ଚ୍ଚ । ଭାଦ୍ଡ଼ି ମାନ୍ନହି ଢର୍ହ ନୁଖତା ଆଟ୍ଠିଆ । ଆସାନ୍ ଆଦ୍ ବିଇ ଟିଡ୍ଡା ।



ବହୁତ ଦିନ ତଳର କଥା । ବାଦୁଡ଼ି ଆଗେ ଅଣ୍ଡା ଦେଉଥିଲା । ଦିନେ ବାଦୁଡ଼ି ଗଛର ତଳ ଡାଳରେ ବସା ତିଆରି କରୁଥିଲା । ଏହାକୁ ହଳଦୀ ବସନ୍ତ ଚଢ଼େଇ ଦେଖିଲା । ସେ କହିଲା - ତୁ ଏଇଠି ବସା କର ନାହିଁ। ଲୋକମାନେ ତୋ ଅଣ୍ଡାକୁ ନେଇଯିବେ ତେଣୁ ବାଦୁଡ଼ି ଗଛର ଉପର ଡାଳରେ ବସା ତିଆରି କଲା । ବସାରେ ଅଣ୍ଡା ଦେଲା । ପ୍ରବଳ ଝଡ ତୋଫାନ୍ ଆସିଲା । ଝଡ଼ ତୋଫାନ୍ ବସା ଓ ଅଣ୍ଡାକୁ ଫୋପାଡ଼ି ଦେଲା । ବାଦୁଡ଼ି ଗଛର କରୋଡରେ ବସା ତିଆରି କଲା । ସେଠି ସେ ଅଣ୍ଡା ଦେଲା ।

ଧାମନା ନେର୍‌ରେ ବାରଆ କି ବିଇନ୍ ମୁଉଖିୟ୍ରା । ଇଦିନ ଏରାକି ଆଦ୍ ବାହୁତ୍ ଚିନ୍ତାନୁ ଖାତ୍‌ରା । ଇବଡ଼ାନ୍ ଏରାକି ତାଘାଂଏ କୁକ୍କୁ କାମ୍ ମାଲ୍ ନାଞ୍ଜା । ଇ ଦୁନିଆନୁ ଆଉର୍ ଏନ୍ ମାଲ୍ ରାଅନ୍ ବାଆକି ଆଦ୍ ବିଚ୍‌ର୍ ନାଞ୍ଜା ।: ଶେଷ୍‌ନୁ ଆଦ୍ ମୁଲ୍‌ଖା ଖେଅାଁଗେ କହାଁ ଖାଡ୍ କେରା । ଆଦ୍ ଭାଗ୍‌ୱାନସିନ୍ ପ୍ରାର୍ଥନା ନାଞ୍ଜାଇବେଲାନୁ ଆମ୍ମୁତି ହଠାତ୍ ଅଣ୍ଟେ ଦେଓଁତା ଉର୍‌ଖିଆ । ଆଦ୍ ବାଚ୍ରା - ନିନ୍ ଇ ପ୍ରାକାର୍ ବିଚ୍ରର ଆମାଏ ନାନାଏ ।



ଧମଣା ସାପ ଆସି ଅଣ୍ଡାକୁ ଖାଇଦେଲା । ଏହାକୁ ଦେଖି ସେ ବଡ ଚିନ୍ତାରେ ପଡ଼ିଲା ।ଏ ସବୁକୁ ଦେଖି ତା ମୁଣ୍ଡ କାମ କଲା ନାହିଁ । ଏ ଦୁନିଆରେ ଆଉ ବଞ୍ଚିବ ନାହିଁ ବୋଲି ସେ ବିଚ୍ଚର କଲା । ଶେଷରେ ସେ ବୁଡି ମରିବା ପାଇଁ ବଡ଼ ନଦୀ ପାଖକୁ ଗଲା । ସେ ଭଗବାନଙ୍କୁ ପ୍ରାର୍ଥନା କଲା । ଏଇ ସମୟରେ ପାଣିରୁ ହଠାତ୍ ଗୋଟିଏ ଜଳ ଦେବତା ବାହାରିଲେ । ସେ କହିଲେ - ତୁମେ ଏ ପ୍ରକାର ନିଷ୍ପତ୍ତି ନିଅନାହିଁ ।

ଆମ୍ମୁ ଦେଓଁତା ବାច្ច - ଏନ୍ ନିଙ୍ଗାଗେ ଆଶିର୍ବାଦ ଚିଆଦାନ୍ । ନିଙ୍ଗା ଆଉର ବାଂଶ ବାଢ଼ା ବାଆଗେ ବିଇ ଟିଡ଼୍ଆ ମାଲ୍ ଲାଗ୍ଗ । ଗାଏ, ଏଡ଼ା ଲେଖେ ଖାଦ୍ଦ ଜାନାମ୍ ନାନଏ । ଆଉର୍ ନିଘାଂଏ ଖାଦ୍ଦାନ୍ ଦୁଧି ଅନ୍ତେ । ଇଦିନ୍ ବାଆକିରି ଆମ୍ମୁ ଦେଓଁତା ଆମ୍ମୁନୁ କର୍ଚ୍ଚ କେରା । ଆଉଲ୍ ତେକ୍ ଭାଦ୍ଡ଼ି ଖାଦ୍ଦ୍ ଜାନାମ୍ ନାନୀ ଆଉର ତାଘାଂଏ ଖାଦ୍ଦାନ୍ ଦୁଧି ଉନ୍ତି ।



ଜଳ ଦେବତା କହିଲା - ମୁ ତୁମକୁ ଆଶିର୍ବାଦ ଦେଉଛି ତୁମେ ଆଉ ବଂଶ ବୃଦ୍ଧି ପାଇଁ ଅଣ୍ଡା ଦେବନାହିଁ । ଗାଈ ଛେଳି ପରି ଛୁଆ ଜନ୍ମ କରିବ । ଆଉ ନିଜ ଛୁଆକୁ କ୍ଷୀର ପିଆଇବ । ଏହା କହି ଜଳ ଦେବତା ପାଣିରେ ବୁଡିଗଲା । ସେହି ଦିନରୁ ବାଦୁଡ଼ି ଛୁଆ ଜନ୍ମ କରେ । ଆଉ ନିଜ ଛୁଆକୁ କ୍ଷୀର ପିଆଇ ଥାଏ ।

# ଗାଞ୍ଜାଖେର୍ ଏନ୍ଦେର୍‌ଗେ ଚିଇଁଖ୍ରି ?
# (ଗଞ୍ଜାକୁକୁଡ଼ା କାହିଁକି ଡାକେ ?)

କହାମ ଅଣ୍ଡେ ଜାଙ୍ଗାଲ ରାହାଚ୍ଚ । ଜାଙ୍ଗାଲ୍ ନୁ ହୁରମି ରାକାମ୍ ହି ଜାଉଁତ୍ ଆଉର୍ ଅଡ଼ା ରାହାଚ୍ଚର୍ । ଜାଙ୍ଗାଲ୍‌ନୁ ଆମ୍ମୁହି ଅଭାବ ରାହାଚ୍ଚ । ଆବଡ଼ାର୍ ଗେ ଆମ୍ମୁ ଅନାଗେ ମାଲ୍ ହାଖ୍‌ରାଲିଆ । ଆଦିଗେ ଆବଡ଼ାର୍ ଅଣ୍ଡେସାଭା ନାଞ୍ଜାର । ଆନୁ ସିଂ ମୁଖିଆ ରାହାଚ୍ଚ । ଆଦ୍ ବାଚ୍ଚ-ନାମ୍ ଜାଙ୍ଗାଲ୍‌ନୁ ଅଣ୍ଡେ ପଖ୍‌ରା ଆର୍‌ଖଡ୍ । ଇଦିନ୍ ହର୍‌ମାର୍ ହାଁ ବାଚ୍ଚର୍ । ହୁର୍‌ମି ଜାଉଁତ୍, ଅଡ଼ା ଗୁଠିଆର୍ ପଖ୍‌ରା ଆର୍‌ଖାଗେ ଉର୍‌ଖିଆର୍ । ଲେକିନ୍ ଖେର୍ ମାଲ୍ ଉର୍‌ଖିଆ । ଏକାତାରା ନୁଖରି ଚ୍ଚ ।




ବହୁତ ବଡ଼ ଜଙ୍ଗଲଟିଏ ଥିଲା । ଜଙ୍ଗଲରେ ବହୁତ ପ୍ରକାର ପଶୁ ପକ୍ଷୀ ଥିଲେ । ଜଙ୍ଗଲରେ ପାଣିର ଅଭାବ ଥିଲା । ସେମାନଙ୍କୁ ପାଣି ପିଇବା ପାଇଁ ମିଳୁନଥିଲା । ତେଣୁ ସେମାନେ ଗୋଟିଏ ସଭା କଲେ । ସଭାରେ ସିଂହ ସଭାପତି ଥିଲେ । ସେ କହିଲେ ଆମେ ଜଙ୍ଗଲରେ ଗୋଟିଏ ପୋଖରି ଖୋଳିବା । ଏଥିରେ ସମସ୍ତେ ହଁ ଭରିଲେ । ସମସ୍ତ ପଶୁପକ୍ଷୀ ପୋଖରି ଖୋଳିବା ପାଇଁ ବାହାରିଲେ । କିନ୍ତୁ କୁକୁଡ଼ା ବାହାରି ନଥିଲା । ସେ କୁଆଡ଼େ ଲୁଚିଗଲା ।

ଇ କାଥ୍‌ଥାନ୍ ଅଡ଼ା ଗୁଠିଦ୍ କାଲାକି ରାଜାସିନ୍ ଟିଙ୍ଗିଆର୍ । ରାଜାସ୍ ବାଚ୍ଛସ୍-ଆଦିନ୍ ନାମ୍ ଆମ୍ମୁ ଅନା ମାଲ୍‌ଚିଅତ୍ । ହର୍‌ମାର୍ ହି ଚେଷ୍ଟାତି ଅଣ୍ଟେ ସୁନ୍ଦାର୍ ପଖ୍‌ରା ତେଆର ମାଞ୍ଜା । ଜାଙ୍ଗାଲ୍ ନୁ ଆଉର୍ ଆମ୍ମୁହି ଆଭାବ୍ ମାଲ୍‌ରାହାଚ୍ଛ । ହୁରମି ଅଡ଼ା ଜାଉଁତ ଗୁଠିଆର୍ ଖୁସିତି ଆମ୍ମୁ ଅଣ୍ଡାର୍ । ହର୍‌ମାର୍ ପୋଖ୍‌ରୀ ତା ଆମ୍ମୁନ୍ ଅନାନାର୍ । ଲେକିନ୍ ଖେର୍ ହିଁ ଦେଖା ମାଲ୍ଲା । ରାଜାସ୍ ବାଚ୍ଛସ୍-କି ଆଦ୍ ଜାରୁର୍ ମାଆଖା ବାରି ନୁଖରାକି ଆମ୍ମୁ ଅନାତ୍ ରଅ । ଆଦିଗେ ନିମ୍ ଆଦିନ୍ ଜହଁକେ । ମାଆଖା ବାରି ହୁର୍‌ମି ଅଡ଼ା ଗୁଠିଆର୍ ପଖ୍‌ରା ପିଣ୍ଡିନୁ ଖାପିଆର୍ ।



ଏଇ କଥାକୁ ପକ୍ଷୀମାନେ ଯାଇ ରାଜାକୁ ଶୁଣାଇଲେ । ଏ'କଥା ଶୁଣି ରାଜା କହିଲେ - ତାକୁ ଆମେ ପାଣି ପିଇବାକୁ ଦେବାନାହିଁ । ସମସ୍ତଙ୍କ ଚେଷ୍ଟାରେ ଗୋଟିଏ ସୁନ୍ଦର ପୋଖରି ତିଆରି ହେଲା । ଜଙ୍ଗଲରେ ଆଉ ପାଣିର ଅଭାବ ହେଲାନାହିଁ । ସମସ୍ତ ପଶୁପକ୍ଷୀ ଆନନ୍ଦରେ ପାଣି ପିଇଲେ । ସମସ୍ତେ ପୋଖରୀର ପାଣି ପିଉଛନ୍ତି । କିନ୍ତୁ କୁକୁଡ଼ାର ଦେଖାନାହିଁ । ସେ ନିଶ୍ଚିତ ଭାବରେ ରାତ୍ରିରେ ଲୁଚି ଲୁଚି ପାଣି ପିଉଥିବ । ତେଣୁ ତାଙ୍କୁ ଜଗିବା ବୋଲି ରାଜା ଆଦେଶ ଦେଲେ । ରାତ୍ରିରେ ସମସ୍ତ ପକ୍ଷୀମାନେ ପୋଖରି ହୁଡାରେ ଜଗି ବସିଲେ ।

ମାଆଖା ଗ୍ୱଇର ବାଜେ ଖେର୍ ଚୁପ୍‌ଗ୍ୱପ ବାର୍‌ଆକି ଆମ୍ମୁ ଅନାଲିଆ । ଇଦିନ୍ ଏରାକିରି ଅଡ଼ାଗୁଠିଆର ଧାର୍‌ଗ୍ୱର୍ ।: ଖେରାନ୍ ଧାର୍‌ଆକି ରାଜାସ୍ ହେନ୍ଦେ ହଗ୍ୱର୍ । ରାଜାସ୍ ଆଦିଗେ ଅଣ୍ଟେ ଦାଣ୍ଡ ଚିଗ୍ୱସ୍ । ବାଗ୍ୱସ୍-ନିନ୍ ହୁରମି ଉଲ୍ଲା ପାଇରି ଗ୍ୱଇର୍ ବାଜେ ଚିଇଁଖା କି ହର୍‌ମାରିନ୍ ଚଅଦ୍ କେ । ଆଉଲଡେକ୍ ଗାଞ୍ଜାଖେର୍ ଭୋର୍ ପାଇରିମ୍ ଚିଇଁଖାକି ହର୍‌ମାରିନ୍ ଉଠାବାଇ । ଆଉର୍ ଆମ୍ମୁ ଅନବାରି ଇଜ୍‌ଗ ଆଜ୍‌ଗ ଏରାକିରି ଆମ୍ମୁ ଉନି ।



ରାତ୍ରି ଗ୍ୱରିଟା ସମୟରେ କୁକୁଡ଼ା ଚୁପ୍‌ଗ୍ୱପ୍ ପାଣି ପିଇବା ପାଇଁ ଆସିଲା । ପାଣି ପିଉଥିବା ସମୟରେ ତାକୁ ପକ୍ଷୀମାନେ ଧରି ପକାଇଲେ । କୁକୁଡ଼ାକୁ ଧରି ରାଜା ପାଖକୁ ନେଲେ । ରାଜା ତାକୁ ଦଣ୍ଡ ଦେଲେ । କହିଲେ ତୁ ପ୍ରତିଦିନ ଭୋର୍ ଗ୍ୱରିଟା ସମୟରେ ଡାକି ସମସ୍ତଙ୍କୁ ଉଠାଇବୁ । ସେହି ଦିନରୁ ଗଞ୍ଜା କୁକୁଡ଼ା ପ୍ରତିଦିନ ଭୋର୍ ସକାଳୁ ଡାକି ସମସ୍ତଙ୍କୁ ଉଠାଇଥାଏ ଏବଂ ମୁଣ୍ଡ ଟେକି ଏପଟ ସେପଟ ଦେଖି ପାଣି ପିଇଥାଏ ।

# ଲାକ୍ଡ଼ା ଆଉର୍ କାକ୍ଡ଼
# (ବାଘ ଆଉ କଙ୍କଡ଼ା)

ବାର୍ଷା ଉଲ୍ଲାତା କାଥ୍ଥା । ଅଣ୍ଡେ ଗ୍ଷିସ୍ ଖାଲ୍ଲନୁ ନାଲାଖ ନାନା ଲିଆସ୍ । ଅଣ୍ଡେ ଲାକ୍ଡ଼ା ଗାର୍ଜାର୍ତେ ତାଘାଂଏ ତାରା ବଙ୍ଗତେ କାଲାଲାଗିଆ । ଲାକ୍ଡ଼ାନ୍ ଏରାକିରି ଗ୍ଷିସ୍ ବଙ୍ଗାଗେ ସୁରୁ ନାଞ୍ଜାସ୍ । ଇସିନ୍ ଏରାକିରି ଲାକ୍ଡ଼ା ବା'ଗ୍ଲ - ହେ ଗ୍ଷି ନିନ୍ ଇଜ୍ଆ । ଏନ୍ ବାଆଦାନ୍ ନିନ୍ ଇଜ୍ଆ । ମାଲାହଲେ ଏନ୍ ନିଙ୍ଗାନ୍ ଉଜ୍ତେ ମଅଖନ୍ ଚିଅନ୍ । ଇଦିନ୍ ମେନା କିରି ଗ୍ଷିସ୍ ଇଜ୍ଜାସ୍ । ଲାକଡ଼ା ବଙ୍ଗ୍ତେ କାଲାକିରି ଗ୍ଷିସ୍ ହେଢେ ଆଣ୍ସିଆ । ଲାକ୍ଡ଼ା ବାଗ୍ଲ - ଏଘାଂଏ ଖଲାନ୍ ଏରା । ଏଅନ୍ଦା ଠୁ କାକଡ଼ ଧାର୍ଚିକି ରାଇ । ଓହଃ ଜାଲଦି ଛଡ଼ା ବାଆ, ଜାଲଦି ଛଡାବାଆ ।



ବର୍ଷା ଦିନର କଥା । ଗୋଟିଏ କୃଷକ ବିଲରେ କାମ କରୁଥିଲା । ଗୋଟିଏ ବାଘ ଗର୍ଜନ କରି ତା ଆଡ଼କୁ ଦୌଡ଼ି ଯାଉଥିଲା । ବାଘକୁ ଦେଖି କୃଷକ ଦୌଡିବାକୁ ଆରମ୍ଭ କଲା । ଏହାକୁ ଦେଖି ବାଘ କହିଲା - ହେ ଗ୍ଷୀ ତୁମେ ଠିଆ ହୁଅ । ମୁ କହୁଛି ତୁମେ ଠିଆ ହୁଅ । ନହେଲେ ମୁଁ ତୁମକୁ ଜୀବନ୍ତ ଖାଇଦେବି । ଏହାଶୁଣି କୃଷକ ଠିଆ ହେଲା । ବାଘ ଦୌଡିଯାଇ କୃଷକ ପାଖରେ ପହଁଞ୍ଚିଲା । ବାଘ କହିଲା- ମୋ ଲାଞ୍ଜୀକୁ ଦେଖ । କେତୋଟି କଙ୍କଡ଼ା କାମୁଡ଼ିଛନ୍ତି । ଓହଃ ବହୁତ ଦରଦ ହେଉଛି । ଶୀଘ୍ର ଛଡ଼ା, ଶୀଘ୍ର ଛଡ଼ା ।

ଚାଷିସ୍ କାକ୍ଡନ୍ ଛଡ଼ା ବାଚାସ୍ ଟିଚାସ୍ । ଲାକ୍ଡ଼ା ଗେ ବାହୁତ ଆରାମ୍ ଲାଗ୍ଗିଆ । ଚାଷିସ୍ ଲାକ୍ଡ଼ାନ୍ ବାଚାସ୍ - ଇ ' କାକ୍ଡ଼ ଏକାସେ ନିଙ୍ଗାନ୍ ଧାର୍ଚା । ଲାକ୍ଡ଼ା ବାଚା - ଏନ୍ ଜାଙ୍ଗାଲତି ଇ ଡାହାରେନୁ ବାର୍ଆ ଲିକ୍ଲାନ୍ । ଏଙ୍ଗା ଢେର୍ କିଡ଼ା ଲାଗ୍ଗାଲିଆ । ଏନ୍ ଇର୍କାନ୍ ଏଅନ୍ଦା ଠୁ ସିକ୍ଟା ପିଣ୍ଡିହି କାକ୍ଡ଼ ଲାତାନୁ ତାମ୍ହାଏ ଖଲାନ୍ ସାଜ୍ଆ ଲିଆର୍ । ଖଲାନ୍ କାକ୍ଡ଼ ଧାର୍ଇ ହଲେ ବାହାରେ ଅଥରାଆ କି ମଅଖା ଲିଆର୍ । ଇଦିନ୍ ଏରାକିରି ଏନ୍ ହୁଁ ନାଞ୍ଜକାନ୍ । ଆଦିଗେ ଏଘାଂଏ ଅବସ୍ଥା ଏନ୍ନେ ମାଞ୍ଜା । ଲାକ୍ଡ଼ା ଚାଷି ସିନ୍ ବାଚା - ଇ କାଥ୍ଥାନ୍ ନେକାନ୍ ହୁଁ ଆମ୍କେ ଡେଙ୍ଗା । ଆଗାର୍ ଡିଙ୍କ୍ଆ ଦାଏ ଆଉର୍ ଏନ୍ ମେଞ୍ଜକାଦାନ୍, ହଲେ ଏନ୍ ନିଙ୍ଗାନ୍ ଉଜ୍ତେ ମଅଖନ୍ ଚିଅନ୍ । ଇଦିହି ଖଖାନୁ ଲାକ୍ଡ଼ା ଜାଙ୍ଗାଲ୍ ବଙ୍ଗା । ଚାଷିସ୍ ହୁଁ ତାଘାଂଏ ଏଡ଼୍ପା ବଙ୍ଗାସ୍ ।



କୃଷକ ବାଘକୁ କହିଲା - ଏ କଙ୍କଡ଼ା କେମିତି କାମୁଡ଼ିଲା ? ବାଘ କହିଲା - ମୁଁ ଜଙ୍ଗଲରୁ ଏଇ ବାଟଦେଇ ଆସୁଥିଲି । ମତେ ବହୁତ ଭୋକ ଲାଗୁଥିଲା । ମୁଁ ଦେଖିଲି କେତୋଟି ବିଲୁଆ ହିଡ଼ରେ ଥିବା ଗାତ ଭିତରେ ନିଜର ଲାଞ୍ଜକୁ ପୁରାଉଥିଲେ । ଲାଞ୍ଜକୁ କଙ୍କଡ଼ା ଧରିଲେ ସେମାନେ ବାହାର କରି ଖାଉଥିଲେ । ଏହାକୁ ଦେଖି ମୁଁ' ବି କଲି । ଆଉ ମୋର ଅବସ୍ଥା ଏମିତି ହେଲା । ବାଘ କୃଷକକୁ କହିଲା - ଏଇ କଥା କାହାକୁ କହିବୁନି । ଯଦି କହିଛୁ ଆଉ ମୁଁ ଏ କଥା ଶୁଣିଛି ତା ହେଲେ ମୁଁ ତୁମକୁ ଜୀବନ୍ତ ଖାଇଦେବି । ତା ପରେ ବାଘ ଜଙ୍ଗଲକୁ ଚାଲିଗଲା । କୃଷକ ମଧ୍ୟ ନିଜ ଘରକୁ ଚାଲିଗଲା ।

ଆସ୍ ନେ କାନ୍ ହୁଁ ମାଲ୍ ତିଙ୍ଗିଆସ୍ । ଖାଦ୍ଧାର୍ ବାର୍‌ବାର୍ ମେଞ୍ଜାର୍ ଆବାରି ତାନ୍ ବାଆଗେ ବାଧ ମାଞ୍ଜାସ୍ । ଲାକ୍‌ଡ଼ା ହି ଖଲାନୁ ଏଅନ୍ଦାଠୁ କାକ୍‌ଡ଼ ଧାର୍‌ତିକିଗ୍ଚ । ଆଦିନ୍ ଏନ୍ ଛଡା ବାଚକାନ୍ । ଆଦ୍ ଏଙ୍ଗାନ୍ ବାଗ୍ଚ ନେକାନ୍ ହୁଁ ଆମ୍‌କେ ତେଙ୍ଗା । ଆଗାର୍ ତିଙ୍ଙ୍‌ଆ ଦାଏ ହଲେ ଏନ୍ ନିଙ୍ଗାନ୍ ଉଜ୍‌ତେ ମଅଖନ୍ ଚିଅନ୍ । ଆଦିଗେ ଏନ୍ ମାଲ୍ ତେଙ୍ଗାଲିକାନ୍ । ଲାକ୍‌ଡ଼ା ଏଡ଼୍‌ପାହି ଖ'ଖା ତାରା ବାର୍‌ଆକି ହୁରମି କାଥ୍‌ଥାନ୍ ମେନାଲିଆ । ଦସରା ଉଲ୍ଲା ଗ୍ଚଷିସ୍ ଫେଁର୍ ନାଲାଖ୍ ନାନାଗେ ଖାଲ୍ଲ ତାରା କେରାସ୍ । ଲାକ୍‌ଡ଼ା ଗ୍ଚଷିସିନ୍ ଏରାକିରି ହେଢେକେରା । ନିନ୍ ଚେର ନିଘାଂଏ ପାରିବାର ବନ୍ ହୁର୍‌ମି କାଥ୍‌ଥାନ୍ ବାଚ୍‌କି + ଚ୍‌କାଏ । ଏନ୍ ନିଙ୍ଗାନ୍ ଆକ୍କୁନ୍ ମଅଖନ୍ । ଗ୍ଚଷିସ୍ ବାଗ୍ଚସ୍-ଏନ୍ ଢେର୍‌ବାଗେ କାକଡ଼ ଅନ୍ଦରକା ଦାନ୍ । ଆକ୍କୁନ ଏନ୍ ନିଘାଂଏ ଖଲାନ୍ ଧାରତନ୍ ଚିଅନ୍ । ଇଦିନ୍ ମେନା କିରି ଲାକ୍‌ଡ଼ା ଡାର୍‌ହେ ବଙ୍ଗା ।


ସନ୍ଧ୍ୟା ସମୟରେ କୃଷକ ଭାତ ଖାଇବାକୁ ବସିଲା । ତା ସ୍ତ୍ରୀ ଭାତ ଖାଇବାକୁ ଦେଲା । ଏହି ସମୟରେ କୃଷକ ଭାତ ନଖାଇ ଜୋର୍‌ରେ ହସିବାକୁ ଲାଗିଲା । ତାର ପରିବାର ଲୋକ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ । ତା ସ୍ତ୍ରୀ ପଚ୍ଚରିଲା କାହିଁକି ହସୁଛ ? କ'ଣ ହେଲା ? ସେ ଉତ୍ତର ଦେଲେ ନାହିଁ। ଶେଷରେ ଛୁଆ ପିଲାମାନେ ତାଙ୍କୁ ବାରମ୍ବାର ପଚ୍ଚରିଲେ । ଏତିକିବେଳେ ସେ କହିଲେ । ବାଘର ଲାଞ୍ଜରେ କେତୋଟି କଙ୍କଡ଼ା ଧରିଥିଲା । ତାକୁ ମୁଁ ବାହାର କରିଦେଲି । ସେ ମତେ କହିଥିଲା - କାହାକୁ କହିବୁନି । ଯଦି କହିଛୁ ତା ହେଲେ ମୁଁ ଜୀବନ୍ତ ଖାଇଦେବି । ତେଣୁ ମୁଁ କହୁ ନଥିଲି । ବାଘ ଘର ପଛପଟେ ଆସି ଏସବୁ କଥାକୁ ଶୁଣୁଥିଲା । ଅନ୍ୟଦିନ କୃଷକ ପୁଣି କାମ କରିବା ପାଇଁ ସେହି ବିଲକୁ ଗଲା । ବାଘ କୃଷକକୁ ଦେଖି ତା ପାଖକୁ ଗଲା । ତୁ କାଲି ତୋ ପରିବାରକୁ ସବୁକଥା କହିଦେଲୁ । ମୁଁ ତତେ ଖାଇବି । କୃଷକ କହିଲା - ମୁଁ ବହୁତ ଗୁଡ଼ିଏ କଙ୍କଡ଼ା ଆଣିଛି । ତୋ ଲାଞ୍ଜରେ ଧରେଇଦେବି । ଏହା ଶୁଣି ବାଘ ଦୌଡ଼ି ପଳାଇଲା ।

# ସନା ହିଁ ଖେର ବି
# (ସୁନା ଅଣ୍ଡା)

ଅଣ୍ଟେ ପାଚକିସ ରାହ୍‌ଚ୍‌ସ୍ । ତାଘଂଏ ଅଣ୍ଟେ ସନା ହିଁ ଖେର ରହ୍‌ଚ୍ଚା । ହୁର୍‌ମି ଭଲା ଅଣ୍ଟେ ଅଣ୍ଟେ ସନା ହିଁ ବି ଚିଆଲିଆ । ଆ ବି ଆବନ୍ ଉଇୟା କିରି ବିସା ଲିୟାସ୍ । ବିସାକିରି ତାଘଂଏ କୁଟୁମ୍ ଚ୍ଚଲ୍‌ରାଲିଆ ।

ଭନ୍ଧୁଲ୍ ତା ଉଲ୍ଲାନୁ ପାଚ୍‌କିସ୍ ସୋଚ୍‌ଦାସ୍ କି ଏକାସେ ଜାଲ୍‌ଦୀ ଧୀନୀ ମାନନ । ପାଚକିସ୍ ସନା ହିଁ ଖେର ଆବନ୍ ପିଟାଗେ ସୋଚଦାସ୍ । ପିଟ୍‌କୁନୁ ହୁରମି ବି ଏକାସାଙ୍ଗେ ଉର୍‌ଖ । ହୁରମି ବି ଆବନ୍ ବିସାକରି ଧାନୀ ମାନନ୍ । ସନା ହିଁ ଖେର୍ ଆବନ୍ ପିଟିୟାସ । ସନା ହିଁ ଖେର୍ କେଚ୍ଚ କେରା । ସନା ହିଁ ବି ମାଲ୍ ଉରଖିଆ । ପାଚକିସ୍ ଦୁଃଖ୍ ମାଞ୍ଜସ୍ ।





ଜଣେ ବୁଢା ଥିଲେ । ତା'ର ସୁନାର କୁକୁଡ଼ା ଥିଲା । ପ୍ରତିଦିନ ଗୋଟିଏ ଗୋଟିଏ ସୁନାର ଅଣ୍ଡା ଦେଉଥିଲା । ସେହି ଅଣ୍ଡା ରଖି ଏକା ସାଙ୍ଗରେ ବିକ୍ରି କରୁଥିଲା । ବିକ୍ରି କରି ତାଙ୍କର ପରିବାର ଚଳୁଥିଲା । ଦିନେ ଭାବିଲା କୁକୁଡ଼ାକୁ ମାରି ତା'ର ପେଟରୁ ଏକା ସାଙ୍ଗେ ଅଣ୍ଡା ବାହାର କରିବା ପାଇଁ । ତା'ପରେ ଏକା ସାଙ୍ଗେ କୁକୁଡ଼ା ଅଣ୍ଡା ବିକ୍ରି କରି ଧନୀ ହେବ । ଏହାଭାବି କୁକୁଡ଼ାକୁ ମାରିଦେଲା । ମାଇ କୁକୁଡ଼ାରୁ ଅଣ୍ଡା ବାହାରିଲା ନାହିଁ । ବୁଢା ବହୁତ ମନ ଦୁଃଖ କଲା ।

# ଲୁଭି ହାଲ୍‌ଗା
# (ଲୋଭୀ ହେଟା)

ଅଣ୍ଟେ ଆଲାସିନ୍ ଢେର୍ ଏଡ଼ା ରାହାଚ୍ଚ । ହଲେ, ଅଣ୍ଟେ ହାଲ୍‌ଗା ହୁର୍‌ମି ମା'ଖା ଅଣ୍ଟେ ଅଣ୍ଟେ ଏଡ଼ା ହୁଇ । ଆସ୍ ଉନ୍ଦୁଲ୍ ମାଖା ଅଣ୍ଟେ ମୁଗାର୍ ଧାର୍‌ଆକି ଏଡ଼ା ଏଡ଼୍‌ପା ହି କଣାନୁ ଚୁପ୍‌ଚ୍ଚପ୍ ଇଜ୍‌କାଦାସ୍ । ଘୁଟ୍‌ଘୁଟ୍ ମାଖା ! ଆ ହାଲ୍‌ଗା ବାର୍‌ଚ୍ଚ ଆଉର୍ ଚୁପେ ଚୁପେ ଏଡ଼ା ବାଲିନ୍ ତିସ୍‌କାଆଲି । ଆବାରି ଆସ୍ ମୁଗାର୍ ତୁଲେ ହାଲ୍‌ଗା ହି କୁକ୍କାନ୍ ଦାର୍‌ଛଛା ଲାଅଚ୍ଚସ୍ ।



ଜଣେ ଲୋକର ଅନେକ ଗୁଡ଼ିଏ ଛେଳି ଥିଲେ। ହେଲେ ଗୋଟିଏ ହେଟାବାଘ ପ୍ରତ୍ୟେକ ରାତି ଗୋଟିଏ ଗୋଟିଏ ଛେଳି ନିଏ। ସେହି ଲୋକଟି ଦିନେ ଗୋଟିଏ ହାତୁଡ଼ି ଧରି ରାତିରେ ଛେଳି ଗୁହାଳରେ ଗୋଟିଏ କୋଣରେ ଚୁପ୍‌ଚାପ୍ ଠିଆ ହୋଇ ରହିଥାଏ। ଅନ୍ଧାର କିଟିମିଟି ରାତି ! ସେ ହେଟାବାଘ ଧିରେ ଧିରେ ଆସି ଛେଳି ଗୁହାଳର କବାଟ ଖୋଲୁଛି। ସେତିକିବେଳେ ସେ ହାତୁଡ଼ିରେ ହେଟାବାଘର ମୁଣ୍ଡକୁ ଅଧା ଛେଚି ବାଡ଼େଇଦେଲା।


ହାଲ୍‌ଗା ସଚ୍‌ଆଲି-ବାପ୍‌ରେ ବାପ୍ ! କହାଁ କହାଁ ଏଡ଼ା ରାଇ ! ଖାନେ ତ ଟାଘାଂଏ ମାରାଗ୍ ତୁଲେ କୁସ୍‌ସାଲି । ଏନ୍ନେ ସଚ୍‌ଆକି ଏକା ଏଡ଼ା କୁସ୍‌ସାଲି ଆଦିନ୍ ଧାର୍‌ଅନ୍ ବାଆକି କର୍‌ଆ ଲାଗିୟା । ଆ ବାରିଆସ୍ ମୁଗାର ତୁଲେ ହାଲ୍‌ଗା ହି କୁକ୍କାନ୍ ଜର୍ ସେ ଲାଅର୍‌ସ୍ । ହାଲ୍‌ଗା ଆସାନୁମ୍ ଖେଓ଼ା ଖାଚିଆ ।



ହେଟାବାଘ ଭାବିଲା ; ବାପ୍‌ରେ ବାପ୍ ! ବଡ଼ ବଡ଼ ଛେଳି ଅଛି । ସେଥିପାଇଁ ତ ତାର ଶିଙ୍ଗରେ ମାରୁଛି । ଏଭଳି ଭାବି ଯେଉଁ ଛେଳି ମୋତେ ମାରୁଛି ତାକୁ ଧରିବି ବୋଲି ଭାବିଲା । ସେତିକିବେଳେ ସେ ଲୋକଟି ହାତୁଡ଼ିରେ ଜୋର୍ କରି ମାରିଦେବାରୁ ସେ ହେଟାବାଘଟି ସେହିଠାରେ ହିଁ ମରିଗଲା ।

# ବାହାଘର ଗୀତ

ହାଏରେ ମର ଗୋଲି ଗାୟ୍ଯା ହାଏରେ ମର ଚଉଁରୀ ଗାୟ୍ଯା
ଘାରା ଛୋଡ଼ି ବାନାଁ ଚରେକ୍ ଯାଏ । (୧)
ନା ଖାବେ ସାପାଓ୍ୱା ନାଖାବେ ବାଘାଓ୍ୱା ତୋର ଜାନାମାଲା
ବାଛୁରୀ ଦୁଧାଲାଗିନ୍ କାନ୍ଦାଏ । (୨)



ହେ ମୋର ଗୋଲି ଗାଈ, ହେ ମୋର ଚଉଁରୀ ଗାଈ,
ତୁ ଘର ଛାଡ଼ି ବଣକୁ ଚରିବାକୁ ଗଲୁ । (୧)
ତୋତେ ସାପ ନ କାଟୁ, ତୋତେ ବାଘ ନ ଖାଉ
ତୋର ଜନ୍ମ କଲା ଛୁଆ କ୍ଷୀର ପାଇଁ କାନ୍ଦୁଛି,
ତେଣୁ ତୁ ଶୀଘ୍ର ଆସିବୁ ବୋଲି ମୋର ବିନତୀ । (୨)

# ଆଲ୍ଲା ଏନ୍ଦେର୍‌ଗେ ବେର୍ଖାନ୍ କୁଦାବାଇ ?
## (କୁକୁର ଓ ବିରାଡ଼ିର ସମ୍ପର୍କ ବିଗିଡ଼ିଲା କିପରି?)

ଢେର୍ ଉଲ୍ଲାତା କାଥା । ଆଲ୍ଲା ଆଉର ବେର୍‌ଖା ସାଙ୍ଘେଂମ୍ ରାଆଲିଆର୍ । ଆବଡ଼ାର ହି ଭିତରେନ୍ନୁ ଏନ୍ଦରା ହୁଁ ଭେଦଭାବ ମାଲ୍ ରାହାର୍‌ଦ । ଅଘଂନ୍ ସାଙ୍ଘେଂମ୍ କୁଦବାରୀ ଅନ୍ତେ 'ଘି' ବୋତଲ ହାଖିଆର । 'ଘି' ତ ବୋତଲନ୍ନୁ ଜାମର୍ କିର୍‌ଦ । ଆଦିଗେ ଆବଡ଼ାର୍ ବତଲବନ ବାଡ଼ା ମାନ୍ନ ହି ତରହନ୍ନୁ ନୁଡ୍ଡିର୍‌ଦର୍ । 'ଘି' ତାରଲାରକୁନ୍ ସାଂଘେମ୍ ବାର୍‌ଆ କି ମଅଖର୍ । ଉନ୍ଦୁଲ ବେର୍‌ଖା ଗେ 'ଘି' ମଅଖା ଗେ ମାନ୍ ଲାଗି୍‌ଆ । ଆଦିଗେ ତାଘାଂଏ ସାଙ୍ଗେସିନ୍ ବାର୍‌ଦ-ଇନ୍ନା ଏଘାଂଏ କହାଁ ବାହିନ୍ ହି ବେଞ୍ଜା ରାଇ । ଏନ୍ ଏଡ଼୍‌ପା କାଆଦାନ୍ । ନେଲା ବାର୍‌ଅନ୍ । ଆଲ୍ଲାବାର୍‌ଦ - ଠିକ୍ ରାଇ । ନିନ୍ କା'ଲା ବେଞ୍ଜା ଭୁଜିମାଣ୍ଡି ଅନାକି ବାର୍‌କେ । ବେର୍‌ଖା ବେଞ୍ଜା ଏଡ଼୍‌ପା ଏସାନ କାଅ । ବାଡ଼ା ମାନ୍ନ ହେଢେ ତୁର -ତୁରନା ଆଣସିଆ । ଢର୍‌ହ ତା 'ଘି' ବତଲାନ୍ ଅଥ୍‌ରାକି ଆଧାନ୍ ମଅଖା । ଆଉର୍ ବତ୍‌ଲାନ୍ ଆସାନିମ୍ ଉଇ'ର୍‌ଦ ।



ବହୁତ ଦିନ ତଳର କଥା । କୁକୁର ଓ ବିଲେଇ ସାଙ୍ଗରେ ରହୁଥିଲେ, ସାଙ୍ଗରେ ବୁଲୁଥିଲେ । ସେମାନଙ୍କ ମଧ୍ୟରେ କୌଣସି ପ୍ରକାର ଭେଦଭାବ ନ ଥିଲା । ଥରେ ସାଙ୍ଗରେ ବୁଲୁଥିବା ସମୟରେ ଗୋଟିଏ ଘିଅ ବୋତଲଟି ପାଇଲେ । ଘିଅ ବୋତଲରେ ଜମି ଯାଇଥିଲା । ତେଣୁ ସେମାନେ ବୋତଲଟିକୁ ବରଗଛର କୋରଡ଼ରେ ଲୁଚାଇ ଦେଲେ । ଘିଅ ତରଲିଲେ ସାଙ୍ଗରେ ଆସି ଖାଇବେ । ଥରେ ବିଲେଇକୁ ଘିଅ ଖାଇବା ପାଇଁ ଇଚ୍ଛା ହେଲା, ତେଣୁ ସେ ତା' ସାଙ୍ଗକୁ କହିଲା - ଆଜି ମୋର ବଡ଼ ଭଉଣୀର ବାହାଘର ଅଛି । ମୁଁ ଘରକୁ ଯାଉଛି । କାଲି ଫେରି ଆସିବି । କୁକୁର କହିଲା - ଠିକ୍ ଅଛି । ତୁମେ ଯାଅ ବାହାଘର ଭୋଜି ଖାଇ ଆସିବ । ବିଲେଇ ବାହାଘର କ'ଣ ଯିବ, ତରତର ହୋଇ ବରଗଛ ପାଖକୁ ଗଲା । କୋରଡ଼ରୁ ଘିଅ ବୋତଲକୁ ବାହାର କରି ଅଧେ ଖାଇଦେଲା । ପୁଣି ବୋତଲକୁ ସେଠି ରଖିଦେଲା ।

ଦସରା ଉଲ୍ଲା ବେରଖା ଆଲ୍ଲାକୁଡ଼ିଆ ହେଢେ କେରା । ଆଲ୍ଲାବାଗ୍ର - କହାଁ ବାହିନ୍ ହିଁ ବେଞ୍ଜା ଏକାନ୍ନେ ମାଞ୍ଜା ? ଆଦ୍ ବା'ଗ୍ର - ଢେର୍ ବାଢ଼ିଁଆ ମାଞ୍ଜା ।ଏ ଅନ୍ଦା ଉଲ୍ଲା କେର୍କା ତି ବେର୍ଖା ଗେ ଫେର୍ 'ଘି' ମଅଖା ଗେ ମାନ୍ ଲାଗ୍ଗିଆ । ଫେର୍ ତାଘାଂଏ ସାଙ୍ଗେନ୍ ବାଗ୍ର-ଇନ୍ନା ଏଘାଂଏ କହାଁ ବାହିନ୍ ହି ବେଞ୍ଜା ରାଇ । ଏନ୍ ଏଡ଼୍ପା କାଆଦାନ୍ । ନେଲା ବାର୍ଅନ୍ । ଆଲ୍ଲାବାଗ୍ର - ଠିକ୍ ରାଇ । ନିନ୍ କାଲାଏ ଭୁଜି ମାଣ୍ଡି ଅନା କି ଜାଲଦି ବାରକେ । ବେରଖା ତୁର ତୁରନା ଫେର୍ ବାଡ଼ା ମାନ୍ନ ହେଢେ ଆଣ୍ସିଆ । ତର୍ହତି ବତଲାନ୍ ଅଥ୍ରା । ବତଲନୁ 'ଘି' ଯାହା ରାହାଗ୍ର ଆଦିନ୍ ମୁଖ୍ଗ୍ର । ଆଉର୍ ବତଲାନ ଆସାନିମ୍ ଉଇଗ୍ର ।: ଦସ୍ରା ଉଲ୍ଲା ବେର୍ଖା ଆଲ୍ଲା କୁଡ଼ିଆ ହେଢେ କେରା । ଆଦ୍ବାଗ୍ର - ନିଘାଂଏ ମାଝିଲି ବାହିନ୍ ହି ବେଞ୍ଜା ଏକାସେ ମାଞ୍ଜା ? ଆଦବାଗ୍ର - ବାହୁତ ବାଢ଼ିଁଆ ମାଞ୍ଜା ।: ଏ ଅନ୍ଦା ଉଲ୍ଲା କେର୍କାତି ବିଡ଼ନା ଉଲ୍ଲା ଆଣସିଆ । ଆଲ୍ଲା ବେର୍ଖାନ୍ ବାଗ୍ର - ଆକ୍ନୁନ୍ ବତଲ ତା ଘି ତାରଲାର୍କି ରାଅ ।



ଅନ୍ୟ ଦିନ ବିଲେଇ କୁକୁର କୁଡ଼ିଆ ପାଖକୁ ଗଲା । କୁକୁର ପଗ୍ରରିଲା ବଡ଼ ଭଉଣୀର ବାହାଘର କିପରି ହେଲା ? ସେ କହିଲା - ବହୁତ ଭଲ ହେଲା । କିଛି ଦିନ ଗଲାପରେ ବିଲେଇକୁ ପୁଣି ଘିଅ ଖାଇବା ପାଇଁ ଇଚ୍ଛା ହେଲା । ପୁଣି ତା ସାଙ୍ଗକୁ କହିଲା - ସାଙ୍ଗ ଆଜି ମୋ ବଡ଼ ଭଉଣୀର ବାହାଘର ଅଛି । ମୁଁ ଘରକୁ ଯାଉଛି । କାଲି ଫେରି ଆସିବି । କୁକୁର କହିଲା - ଠିକ୍ ଅଛି । ତୁମେ ଯାଅ । ଭୋଜିଭାତ ଖାଇ ଶୀଘ୍ର ଆସିବ । ବିଲେଇ ତରତର ହୋଇ ପୁଣି ବରଗଛ ପାଖରେ ପହଁଞ୍ଚିଲା । କୋରଡ଼ରୁ ବୋତଲକୁ ବାହାର କଲା । ବୋତଲରେ ଯାହା ଘିଅ ଥିଲା ସବୁ ଖାଇଦେଲା । ଖାଲି ବୋତଲକୁ ପୁଣି କୋରଡରେ ରଖିଦେଲା । ଅନ୍ୟ ଦିନେ ବିଲେଇ କୁକୁର ବସାକୁ ଗଲା । ସେ କହିଲା - ତୋ ବଡ଼ ଭଉଣୀର ବାହାଘର କେମିତି ହେଲା ? ବହୁତ ଭଲ ହେଲା ।

ଗୁଚ୍ଛନାମ୍ କାଲାକି ନୁଡକା ବତଲତା ଘି'ନ୍ ମଅଖତ୍ । ଆବଡ଼ାର୍ ବାଡ଼ା ମାନ୍ନ ମୁଲି ହେଢେ କେରାର । ଆଲ୍ଲା ଢ଼ର୍ହ ତି ବତଲାନ୍ ଅଥ୍‌ରା । ଇରିଆ ଯେ ବତଲନୁ ଆଉର 'ଘି' ମାଲ୍ଲା । ଆଲ୍ଲାବାଚ୍ଛ - ଇବଡ଼ା ଯାତେ ନିଘାଂଏ ବୁଦ୍ଧି ହିକେ । ନିନ୍ ମଅଖନା ବାହାନା ତି ଏଘାଂଏ କହାଁ ବାହିନ୍ ହି ବେଞ୍ଜା, ଏଘାଂଏ ମାଝିଲି ବାହିନ୍ ହି ବେଞ୍ଜା, ବାଆକି ବାର୍‌ଆ ଲିକିନ୍ । ଆଉର ହୁରମି 'ଘି'ନ୍ ମୁକିଚିକିନ୍ ବାଆକି ବେର୍‌ଖାନ୍ କୁଦାବା'ଚ୍ଛ । ଆଉଲତେକ୍ ଆଲ୍ଲା ଆଉର୍ ବେରଖା ହି ପାଟ୍‌ରିମାଲ୍ ମୁଖି୍ ।



କିଛି ଦିନ ଗଲାପରେ ଖରାଦିନ ଆସିଲା । କୁକୁର ବିଲେଇକୁ କହିଲା - ଏବେ ବୋତଲର ଘିଅ ତରଳିଥିବ । ଚାଲ ଲୁଚାଇଥିବା ବୋତଲର ଘିଅକୁ ଖାଇବା । ସେମାନେ ବରଗଛ ମୂଳ ପାଖକୁ ଗଲେ । କୁକୁର ଗଛ କୋରଡ଼ରୁ ବୋତଲକୁ ବାହାର କଲା । ଦେଖିଲା ଯେ, ବୋତଲରେ ଆଉ ଘିଅ ନାହିଁ । କୁକୁର କହିଲା-ଏ ସବୁ ତୁମର ବୁଦ୍ଧି ଅଟେ । ତୁମେ ଖାଇବା ବାହାନାରେ, ମୋର ବଡ଼ ଭଉଣୀର ବାହାଘର, ମୋର ମଝିଆଁ ଭଉଣୀର ବାହାଘର କହି ଆସୁଥିଲୁ । ଆଉ ସବୁ ଘିଅକୁ ଖାଇଦେଲୁ କହି ବିଲେଇକୁ ଗୋଡ଼ାଇଲା । ସେ ଦିନରୁ  କୁକୁର ଆଉ ବିଲେଇର ସମ୍ପର୍କ ବିଗିଡ଼ି ଗଲା ।

# ଆଲାର ହି ବୁଦ୍ଧି
# (ଲୋକର ବୁଦ୍ଧି)

ଅଣ୍ଟେ ଏଡ଼ପାନୁ ଢ଼େର୍ ଅସ୍‌ଗା ରାହାଚ୍ଚ । ଏଡ଼ପାତା କିଚ୍‌ରି ଡଡ୍ଡ, ଟିଖିଲ୍ ଦାଲି, ଜିନିଷ ପାତାର ଗୁଠିନ୍ ଖାଣ୍ଡାକି ନାଶ୍ ନାନା ଚିଆଲିଆ । ଇବ୍‌ଡ଼ାଗୁଠିନ ଏରାକି ଏଡ଼୍‌ପା ମାଲିକସ୍ ଅଣ୍ଟୋ ବୁଦ୍ଧି ନାଞ୍ଜାସ ।। ଆସ ହକାନ୍ କାଲା କି ଅଣ୍ଡେଣ୍ଟ ଆସଗାଫାନ୍‌ଦା ଖଦିଆସ । ମାଲିକାସ୍ ଫାନ୍ଦା ଭିତରେ ଅଣ୍ଟେ ହାଇକା ଇଞ୍ଜି ହେଆଁକି ଝୁଲାବାଚ୍ଚସ୍ / ମାଆଖା ବାଆରି ଆ ଫାନ୍ଦାନ୍ କୋଠରୀ ହି ଅଣ୍ଟେ କ'ଣା ନୁ ଉଇଆସ୍ । ମାଆଖା ବାରି ଅଣ୍ଟେ ଅସଗା ଫାସ୍‌ରା କେରା ।



ଗୋଟିଏ ଘରେ ବହୁତ ମୂଷା ଥିଲେ । ଘରର ଲୁଗାପଟା, ଚାଉଳ, ଡାଲି, ଜିନିଷ ପତ୍ର ଇତ୍ୟାଦିକୁ କାଟି ନଷ୍ଟ କରି ଦେଉଥିଲେ । ଘର ମାଲିକ ଏସବୁକୁ ଦେଖି ମୁଣ୍ଡରେ ହାତ ଦେଲା । ସେ ଗୋଟିଏ ଉପାୟ ଖୋଜିଲା । ସେ ଦୋକାନରୁ ଗୋଟିଏ ଯନ୍ତା କିଣି ଆଣିଲା । ଘର ମାଲିକ ଯନ୍ତା ଭିତରେ ଗୋଟିଏ ଶୁଖୁଆ ବାନ୍ଧି ଝୁଲାଇ ଦେଲା । ରାତିରେ ସେହି ଯନ୍ତାକୁ କୋଠରୀର ଗୋଟିଏ କୋଣରେ ରଖି ଦେଲା । ରାତିରେ ଗୋଟିଏ ମୂଷା ଯନ୍ତାରେ ଫସିଗଲା ।

ପାଇରିବାରି ଅସ୍‌ଗାନ୍ ଧାରଗ୍ୟସ୍ । ଆସ୍ ଅସ୍‌ଗା ହି ଦେହେନୁ ଖେଁସ ରାଙ୍ଗ ଲାଗା ବା ଚିଗ୍ୟସ୍ । ଆ ରାଙ୍ଗ୍  ଲାଗାବାଚ୍‌କା ଅସ୍‌ଗାନ୍ ଆସ୍ ଏଡ଼୍‌ପାନୁ ଆମ୍ବିଗ୍ୟସ୍ । ଇଦିନ୍ ଏରାକି ଦସରା ଅସଗା ଗୁଠି ଏଡ଼ପାତି ବଙ୍ଗା । ତାଘାଂଏ ଏଡ଼ପାନୁ ଆଉର ଅସଗା ମାଲ୍ ଏଥ୍‌ରା । ଅସ୍‌ଗା ଗୁଠିହି ଶାବାଦ୍ ହୁଁ ମାଲ୍ ମେନ୍ଦ୍ରା । ଏଡ଼୍‌ପାତା ଜିନିଷ ଗୁଠି ବାଛ୍‌ରା କି ରାହାଗ୍ୟ ।



ସକାଳେ ସେହି ମୂଷାକୁ ଧରିଲା । ସେ ତା ଦେହରେ ଲାଲ ରଙ୍ଗ ଲଗାଇ ଦେଲା । ସେହି ରଙ୍ଗ ଲଗା ମୂଷାକୁ ଘରେ ଛାଡ଼ି ଦେଲା । ଏହାକୁ ଦେଖି ଅନ୍ୟ ମୂଷାମାନେ ଘର ଛାଡ଼ି ପଳାଇଗଲେ । ତା’ ଘରେ ଆଉ ମୂଷା ଦେଖାଗଲେ ନାହିଁ । ମୂଷା ମାନଙ୍କର ଶବ୍ଦ ମଧ୍ୟ ଜଣା ପଡ଼ିଲା ନାହିଁ । ଘରର ଜିନିଷ ଗୁଡିକ ସୁରକ୍ଷିତ ହୋଇ ରହିଲା ।

# ତିଇନି ଫେନା ମଅଖନାହି ଭୁତ
# (ମହୁଖିଆ ଭୂତ)

କହାମ୍ ଅଣ୍ଟେ ଜାଙ୍ଗାଲ୍ ରାହାଚ୍ଚ । ଜାଙ୍ଗାଲ ନୁ ଅଣ୍ଟେ ଭାଲୁ ରାଆଲିଆ । ଜାଙ୍ଗାଲ ନୁ ଅନା ମଅଖା ଗେ ଡେର୍ ଫାଲମୂଲ ରାହାଚ୍ଚ । ଅଘଂନ ଆକାଲ ମାଞ୍ଜା । ଚେଁପ୍ ମାଲ୍ ବାରଚ୍ଚ । ଜାଙ୍ଗାଲ ନୁ ଅନ୍ନା ମଅଖନା ହି ଆଭାବ ମାଞ୍ଜା । ପାଶୁ ଅଡ଼ା ଗୁଠିଆର ଗେ ଅନା ମଅଖାଗେ ମାଲ ହାଖରା ।: ଜାଙ୍ଗାଲ୍ ତା ପାଶୁ ଅଡ଼ା ଗୁଠିଦ୍ ଆଉର୍ ଅଣ୍ଟେ ଜାଙ୍ଗାଲ୍ କାଲାଗେ ଉରଖାର୍ । ଖାଡ଼୍ ହାଇକା ରାହାଚ୍ଚ । ଆଦିଗେ ଆବଡ଼ାର୍ ଏକା ଏକା ପାର୍ ମାଞ୍ଜାର୍ । ଆଉର ଆବଡ଼ାର ସାମତାଲ ଜାଙ୍ଗାଲନୁ ଆଣସିଆର୍ ।ଖାଡ୍ କୁଟିନୁ ଭାଲୁ ଅଣ୍ଟେ ଡୁମ୍ବାରି ମାନ୍ନ ଇରିଆ । ଡୁମ୍ବାରି ପାଆନା କି ମହାକାରାଆଲିଆ । ଭାଲୁ ଗେ କିଡ଼ା ଲାକ୍କିଚ୍ଚ । ଆଦି ଗେ ଆଦ୍ ତୁର୍ଥେମ୍ ମାନ୍ନ ମାଇଆ ଆରଗିଆ କେରା । ଭାଲୁତ ଡୁମ୍ବାରିନ୍ କୁଲ୍ ଭାଇର୍ ମଅଖା ।



ବହୁତ ବଡ ଜଙ୍ଗଲଟିଏ ଥିଲା । ଜଙ୍ଗଲରେ ଗୋଟିଏ ଭାଲୁ ରହୁଥିଲା । ଜଙ୍ଗଲରେ ଖାଇବା ପିଇବା ପାଇଁ ବହୁତ ଫଳମୂଳ ଥିଲା । ଥରେ ଅକାଳ ହେଲା । ବର୍ଷା ହେଲା ନାହିଁ । ଜଙ୍ଗଲରେ ଖାଦ୍ୟର ଅଭାବ ଦେଖାଗଲା । ପଶୁ ପକ୍ଷୀ ମାନଙ୍କୁ ଖାଇବା ପିଇବା ମିଳିଲା ନାହିଁ । ଜଙ୍ଗଲର ପଶୁ ପକ୍ଷୀମାନେ ଆଉ ଗୋଟିଏ ଜଙ୍ଗଲକୁ ବାହାରିଲେ । ନଦୀ ଶୁଖିଲା ଥିଲା । ତେଣୁ ସେମାନେ ନଦୀକୁ ଚ୍ଚଲି ଚ୍ଚଲି ପାରି ହେଲେ । ଆଉ ସେମାନେ ସମତଳ ଜଙ୍ଗଲକୁ ପହଞ୍ଚିଲେ । ନଦୀ ଖଣ୍ଡିରେ ଭାଲୁ ଗୋଟିଏ ଡିମ୍ବିରି ଗଛ ଦେଖିଲା । ଡିମ୍ବିରି ଫଳ - ପାଚି ମହକି ଯାଉଥିଲା । ଭାଲୁ ଭୋକିଲା ଥିଲା । ତେଣୁ ଶୀଘ୍ର ଗଛ ଉପରେ ଚଢ଼ିଗଲା । ଭାଲୁ ଡିମ୍ବିରି ପେଟ ପୁରା ଖାଇଲା ।

ଲେକିନ୍ ଭାଲୁ ମାନ୍ନତି ଏତ୍ତା ପଲ୍ଲା । ଢୋ କିନା ମାନ୍ନ ମାଇତେକ କିଇଆ କାଚଡ଼ାରା ।  କିଇଆ  ବାନ୍ଦରା  ଗୁଠିର୍  ରାହାଚ୍ଚର୍ । ଇଲଚକାତି ବଂଗାର୍ । ଭାଲୁ କୁଁ କୁଁ ବାଆ କିରି ଶିହେଲ୍ ଲାଡାଙ୍ଗ୍ ଝୁଣ ନୁ କର୍‌ଚ୍ଚ । ଆଦି ହି ମେଦ୍  ନୁଜନାତି ଚୁଉତିଆ । ଆଉର ମାଲ୍ ଉର୍‌ଖା । ବାନ୍ଦରା ଗୁଠିଆର୍ ବାଡ଼ା ମାନ୍ନନୁ ଆରଗା କି ଚିନ୍ତା ନାନା ଲିଆର୍ ।ବାନ୍ଦରା ଗୁଠିଆର୍ ଚିନ୍ତା ନାନା ଲିଆର କି - ଇ ବାନ୍ଦରା ଖାଦ୍ଦ ମାଇଆ ଆଗାର ଭାଲୁ ଖତରକିଚ୍ଚ ହଲେ ଇ ବାନ୍ଦରା ଖାଦ୍ଦ ହି ଆବସ୍ଥା ଏନ୍ଦ୍ରା ମାନ ପାହେଁ ? ଆଉର୍ ଆବଡ଼ାର ଡୁମ୍ବାରି ମାନ୍ନ ହେଦ୍ଦେ ମାଲ୍ କେରାର ।:  ଏଅଁନ୍ଦା  ଉଲ୍ଲା  କେର୍‌କାତି ଭାଲୁ ଝୁଣ ତି ଉରଖା । ଆଦ୍ ଅନା ମଅଖା ଗେ ଜାଙ୍ଗାଲ ଭିତରେ କରଚ୍ଚ । ଆଦ୍ ଇରିଆ ଟାଟ୍‌ଖା ମାନ୍ନ ଡାଆଡ଼ି ନୁ ଅଣ୍ଟେ କହାମ ତିଇନି ଫେନା ଝୁଲର୍‌କି ରାଇ । ଆଦ୍ ତୁରାନ୍ତ ଫେନା ଭିତରେ ତାଘାଂଏ ବାଇଆନ୍ କରତା ଚିଚ୍ଚ । ତିଇନି ଗୁଠିଦ୍ କାଲାକି ଭାଲୁହି ଖେବଦା ହେଦ୍ଦେ ଗହରାରା ।



ତାପରେ ଭାଲୁ ଗଛରୁ ଓହ୍ଲେଇ ପାରିଲା ନାହିଁ । ଢୋ କିନା  ଗଛ ଉପରୁ ତଳକୁ କଚ୍ଚଡ଼ି ହୋଇ ପଡିଲା । ତଳେ ମାଙ୍କଡ ଦଳ ଥିଲେ । ଭୟରେ ଦୌଡିଗଲେ । ଭାଲୁ କୁଁ କୁଁ  କରି ଶିଆଳି ଲତା ବୁଦାରେ ପଶିଲା । ତାର ପିଠି ଦରଜ ହେତୁ ଶୋଇ ପଡ଼ିଲା । ଆଉ ବାହାରିଲା ନାହିଁ । ମାଙ୍କଡ଼ ମାନେ ବର ଗଛରେ ବସି ଚିନ୍ତା କରୁଥିଲେ । ମାଙ୍କଡ଼ ମାନେ ଚିନ୍ତା କରୁଥିଲେ କି - ଏଇ ମାଙ୍କଡ଼ ଛୁଆ ଉପରେ ଯଦି ଭାଲୁ ପଡ଼ିଥାନ୍ତା, ତାହେଲେ ଏ ଛୁଆମାନଙ୍କର ଅବସ୍ଥା କ'ଣ ହୋଇଥାନ୍ତା ? ଆଉ ସେମାନେ ଡିମ୍ବିରି ଗଛ ପାଖକୁ ଗଲେ ନାହିଁ । କିଛି ଦିନ ଗଲାପରେ ଭାଲୁ ବୁଦା ଭିତରୁ ବାହାରିଲା । ସେ ଖାଦ୍ୟ ପାଇଁ ଜଙ୍ଗଲ ଭିତରକୁ ପଶିଲା । ସେ ଦେଖିଲା - ଆମ୍ବ ଗଛ ଡାଳରେ ଗୋଟିଏ ବହୁତ ବଡ଼ ମହୁ ଫେଣା ଝୁଲୁଛି । ସେ ଖୁବ୍ ଶୀଘ୍ର ମହୁ ଫେଣାରେ ମୁହଁକୁ ପଶାଇ ଦେଲା । ମହୁମାଛି ମାନେ ତା କାନ ପାଖରେ ଯାଇ ଅନୁରୋଧ କଲେ ।

ଲେକିନ୍ ଭାଲୁ ମାଲ୍ ବୁଝରା । ଭାଲୁ ତିଇନି ଫେନାନ୍ ଯେତେକ ମଅଖା, ଆଡୁକ୍ ବାଗ୍ରେଗ ନାଶ୍ ନାଞ୍ଜା । ଇନ୍ନୁ ତାଙ୍ଗିୟ ତିଇନି ଖୃସାରା କେରା । ଆଦ୍ ବାଚ୍‌-ଇ ତିଇନି ଫେନାତ୍ ଏଘାଂଏ ଖାଦ୍ଧାର ଗେ ଉଇକ୍ ଆଦାନ୍ । ନିନ୍ ନିଙ୍ଗାଗେ ମଅଖନା ମାଲ୍ଲା ଉଇକା ? କାଲାଏ ନିନ୍ ବଙ୍ଗାଏ ।: ଭାଲୁ ତିଇନି ତାଙ୍ଗିୟ ହି କାଥ୍ଥାନ୍ ମାଲ୍ ମେଞ୍ଜା । ଆଉର ମଅଖାଗେ ଲାଗ୍‌ଗିଆ । ଇଦିନ୍ ଏରାକି ତିଇନି ତାଙ୍ଗିୟ ଭଁ ଭଁ ବାଆକି ପାର୍‌ମିଆ । ହୁରମି ତିଇନି ଗୁଠିଦ୍ ଜାମା ମାଞ୍ଜାର ଆଉର ଭାଲୁନ୍ ପାର୍‌ମିଆର୍ । ଭାଲୁ ଛାଟ୍‌ପଟରତେ ଇଜଗ ଆଜଗ ବଙ୍ଗା । : ତିଇନି ଗୁଠିଆର ଭାଲୁନ୍ ମାଲ୍ ଆମ୍ଭିଆର୍ । ତାଘାଂଏ ଦେହେଁ ଷଟା ଛାବ୍‌ରାର୍ କେରାର୍ । ଶେଷନୁ ଭାଲୁ ହାଇକା ଗବାରି ଧାର୍‌ଆ କି ଆମ୍ମୁ ଡଭାନୁ ମୁଲଖୃଆ ଆଉର ଗବାରିନ୍ ଆମ୍ଭିଚ୍ଚ । ତିଇନି ଗୁଠିତ୍ ଭାଲୁନ୍ ଆମ୍ଭାକି ଗବାରିନ୍ ପାରମିଆର୍ ।



କିନ୍ତୁ ଭାଲୁ ବୁଝିଲା ନାହିଁ ।
ଭାଲୁ ମହୁ ଫେଣାକୁ ଯେତିକି ଖାଇଲା
ତା' ଠାରୁ ଅଧିକ ନଷ୍ଟ କଲା । ଏଥିରେ ମା ମହୁମାଛି
ରାଗିଗଲା । ସେ କହିଲା - ଏ ମହୁ ଫେଣା ମୋ ଛୁଆ ମାନଙ୍କ ପାଇଁ
ସଂଚୟ କରିଛି । ତୁ କ'ଣ ତୋ ପାଇଁ ଖାଦ୍ୟ ସଂଚୟ କରିନାହୁଁ ? ଯା ତୁ ଏଠୁ ପଳା । ଭାଲୁ, ମା ମହୁମାଛିର କଥା ଶୁଣିଲା ନାହିଁ । ଆହୁରି ଅଧିକ ଖାଇବାକୁ ଲାଗିଲା । ଏହା ଦେଖି ମହୁମାଛି ଭଁ ଭଁ ଗର୍ଜନ କରି କାମୁଡ଼ିବାକୁ ଲାଗିଲା । ଅନ୍ୟ ସବୁ ମହୁମାଛି ରୁଣ୍ଡ ହୋଇ ଭାଲୁକୁ କାମୁଡିଲେ । ଭାଲୁ ଛଟପଟ ହୋଇ ଏଣେ ତେଣେ ଦୌଡ଼ିଲା । ମହୁମାଛି ମାନେ ଭାଲୁକୁ ଛାଡ଼ିଲେ ନାହିଁ । ତାର ଦେହରେ ଲାଗିଗଲେ । ଶେଷରେ ଭାଲୁ ଶୁଖା ଗୋବର ଧରି ଦୌଡ଼ି ଦୌଡ଼ି ଯାଇ ଗାଡିଆ ଭିତରେ ବୁଡି ଗୋବରକୁ ଛାଡି ଦେଲା । ଏତିକିବେଳେ ମହୁମାଛି ମାନେ ଭାଲୁକୁ ଛାଡି ଗୋବରକୁ କାମୁଡ଼ିଲେ ।



# ନେର୍‌ରେ ହି ବୁଦ୍ଧି
# (ସାପର ବୁଦ୍ଧି)

ଅଣ୍ଟେ ଜାଙ୍ଗାଲ୍ ରାହାଚ୍ଚ । ଜାଙ୍ଗାଲ୍ ନୁ ଅଣ୍ଟେ ବଡ଼ା ନେର୍‌ରେ ରାଆଲିଆ ।ଉନ୍ଦୁଲ୍ ଡାଙ୍ଗାଗେ ଅନା ମଅଖା ଗେ ମାଲ୍ ହାଖ୍‌ରା । ଆଦ୍ ଅନ୍ନା ମଅଖନା ବେଢା ବେଢା ହାଡ଼୍‌ଦିଆ କେରା । ଏସାନ୍ ହୁଁ ମାଲ୍ ହାଖୃଆ । ଆଦ୍ ମଅଖା ବେଢାଗେ ମାଇଦାନ୍ ଡାରା ଉର୍‌ଖୃଆ । ଡାହାରେନୁ ଆଦ୍ ଅଣ୍ଟେ କହାମ୍ ବାଡ଼ା ମାନ୍ନ ହାଖୃଆ । ଆନ୍ନୁ ଆଦ୍ ଆରଗିଆ ।: ନେର୍‌ରେ ମାନ୍ନ ମାଇଆ ଆରଗା କି କୁଢିଆ । ଏସାନ ହୁଁ ଗାନ୍ଧ ମାଲ୍ ହାଖୃଆ । ମାନ୍ନ ହି ଟିପିନୁ ଆରଗିଆ । ଆଦ୍ ଇରିଆ ହେଢେ ନୁ ଅଣ୍ଟେ ପଖରା ରାଇ ।: ନେର୍‌ରେ ପଖରା ହେଢେ ଆଣସିଆ । ବିଶାର ହି ଗାନ୍ଧ ହାଖୃଆ । ଆଦ୍ ପଖରା ଭିତରେ ଇରିଆ ଯେ ଢେର୍ ଇଞ୍ଜ ଆଉର ବେଙ୍ଗା ଗୁଠି ରାଇ ।

ଜଙ୍ଗଲଟିଏ ଥିଲା । ଜଙ୍ଗଲରେ ଗୋଟିଏ ଅଜଗର ସାପ ବାସ କରୁଥିଲା । ଥରେ ତାକୁ ଖାଇବାକୁ ମିଳିଲା ନାହିଁ । ସେ ଖାଦ୍ୟ ଖୋଜି ଖୋଜି ଥକି ଗଲା । କୌଣସି ଠାରେ ପାଇଲା ନାହିଁ । ସେ ଖାଦ୍ୟ ଖୋଜିବା ପାଇଁ ପଡ଼ିଆ ଆଡ଼କୁ ବାହାରିଲା । ବାଟରେ ଗୋଟିଏ ବରଗଛ ପାଇଲା । ସେଠି ସେ ଚଢିଲା । ଗଛରେ ଚଢ଼ି ବୁଲିଲା । କୌଣସି ଠାରେ କିଛି ଖାଦ୍ୟର ଗନ୍ଧ ମିଳିଲା ନାହିଁ । ଗଛର ଅଗ୍ରଭାଗରେ ଚଢ଼ିଲା । ସେ ଦେଖିଲା - ପାଖରେ ଗୋଟିଏ ପୋଖରୀ ଅଛି । ସାପ ପୋଖରୀ ପାଖକୁ ପହଁଞ୍ଚିଲା । ଆଇଁଷର ଗନ୍ଧ ପାଇଲା । ସେ ପୋଖରୀ ଭିତରକୁ ଦେଖିଲା - ବହୁତ ମାଛ ଓ ବେଙ୍ଗ ମାନେ ଅଛନ୍ତି ।

ଡାଘାଂଏ ଡାତଖାଡି ଲାଲେ ଖାତରା । ନେର୍‌ରେ ବେଙ୍ଗା ଗୁଠିନ୍ ଏକାସେ ମଅଖନ ବାଆକିରି ଅଣ୍ଟେ ବୁଦ୍ଧି ନାଞ୍ଜା । ଆଦ୍ ପଖରା ହି ଆମ୍ମୁ କୁଟିନୁ କାଲା କିରି ସିଧା ଚୁ'ଉଡିଆ । ବେଙ୍ଗା ଗୁଠି ଡାଘାଂଏ ମାଇଆ ଉକ୍କିଆର୍ । ଡେଗ୍‌ଚ୍ଚର୍ । ନେର୍‌ରେ ଏନ୍ଦେର୍ ହୁଁ ମାଲ୍ ନାଞ୍ଜା । ବେଙ୍ଗା ଗୁଠିଆର ମାଲ୍ ଏଲ୍‌ଚ୍ଚକି ଡାଘାଂଏ ମାଇଆ ଟୁପ୍ ଟାପ୍ ଡେଗ୍‌ଚ୍ଚର୍ । ନେର୍‌ରେନ୍ ବାଚ୍ଚର - ଆଜ୍ଜନିନ୍ ଇସାନ୍ ଏନ୍ଦେର୍ ଗେ ଚୁଉତ୍‌କା ଦାଏ ?ଏନ୍ ନିମହାଏ, ନାଲ୍‌ନା, ଡାଣ୍ଡି, ବେଚନା ଗୁଠିନ୍ ଏରାଗେ ଏନ୍ ଇଶାନ୍ ଚୁଉତ୍‌କା ଦାନ୍ । ନିମହାଏ ନାଲନା, ବେଚନା ଏଙ୍ଗାଗେ ଢେର୍ ନାଗାଦ ଲାଗ୍‌ଗି । ବେଙ୍ଗା ଗୁଠିଦ୍ ନେର୍‌ରେନ୍ ବାଚ୍ଚ - ଏମାନ୍ କାଟିକ୍ ପଖରା ଚ୍ଚରିଓ ତାରା କୁତ୍‌ଆ । ଏମ୍ ଢେର୍ ଖୁସି ମାନମ୍ । ନେର୍‌ରେ ସୁଯୋଗ ହାଖ୍‌ଆ । ଆଦ୍ ବେଙ୍ଗା ଗୁଠିନ୍ ଡାଘାଂଏ ମେଦନୁ ଅକ୍‌ତା ଚ୍ଚ । ପଖରା ହି ଚ୍ଚରିଓ ତାରା କୁତଆଗେ ସୁରୁ ନାଞ୍ଜା ।: ବେଙ୍ଗା ଗୁଠି ଖୁସି ତି ନାଲିଆ, ଡାଣ୍ଡି ପାଡ଼ିଆ ଆଉର ଥାପଡ଼ି ଆସ୍‌ସିଆ । ପଖରା ହି ସୁନ୍ଦାର ଗୁଠିନ୍ ଏରାଲିଆର ।



ତା ଜିଭରୁ ଲାଳ ଝରିଲା । 'ସାପ' ବେଙ୍ଗ ଗୁଡ଼ିକୁ କିପରି ଖାଇବ ବୋଲି ଗୋଟିଏ ଉପାୟ କଲା । ସେ ପୋଖରୀ କୂଳରେ ଯାଇ ସିଧା ଶୋଇ ପଡ଼ିଲା । ବେଙ୍ଗ ଗୁଡ଼ାକ ତା ଉପରେ ବସିଲେ, ଡେଇଁଲେ । ସାପ କିଛି କ୍ଷତି କଲା ନାହିଁ । ବେଙ୍ଗ ମାନେ ନିର୍ଭୟରେ ତା ଉପରେ ଟୁପ୍, ଟାପ୍ ଡେଇଁ ନାଚ କଲେ । ସାପକୁ କହିଲେ - ଅଜା ତୁ କାହିଁକି ଏଇଠି ଶୋଇଛୁ ? ମୁଁ ତୁମର ନାଚ, ଗୀତ, ଖେଳ, ଗୁଡ଼ିକୁ ଦେଖିବା ପାଇଁ ଏଇଠି ଶୋଇଛି । ତୁମର ନାଚ, ଗୀତ, ଖେଳ ଗୁଡ଼ିକ ମତେ ବହୁତ ଭଲ ଲାଗୁଛି । ବେଙ୍ଗ ଗୁଡିକ ସାପକୁ କହିଲେ - ଅଜା ଆମକୁ ଟିକେ ପୋଖରୀ ଚ୍ଚରିପଟେ ବୁଲାଅ । ଆମେ ବହୁତ ଖୁସି ହେବୁ । ସାପ ସୁଯୋଗ ପାଇଲା । ସେ ବେଙ୍ଗ ଗୁଡ଼ିକୁ ତା ପିଠିରେ ବସାଇଲା । ପୋଖରୀର ଚ୍ଚରିପଟେ ବୁଲିବା ଆରମ୍ଭ କଲା । ବେଙ୍ଗ ଗୁଡିକ ଖୁସିରେ ନାଚିଲେ, ଗୀତ ଗାଇଲେ ଓ ତାଳି ମାରିଲେ ଓ ପୋଖରୀର ଦୃଶ୍ୟ ଦେଖୁଥିଲେ ।

ନେର୍‌ରେ ବେଙ୍ଗାନ୍ ମଅଖାଗେ ବାହାନା ନାଞ୍ଜା । ହାଠାତ୍ ତାଘାଂଏ କୁକ୍ଲାନ୍ କିଇଆ ଗାଡ୍ଡ଼ିଚ୍ଚ । ଆଗେ ତାରା ଆଉର ମାଲ୍‌କେରା । ବେଙ୍ଗା ଗୁଠିଆର୍ ତାଘାଂଏ କୁକ୍କୁ ହେଢେ ହପରାର୍ କେରାର୍ । ଇ ସୁଯୋଗ ଏରାକି ଆଦ୍ ଅଣ୍ଟେ, ଦୁଇଠୁ ବେଙ୍ଗାନ୍ ଟାପକିନା ମୁଉଖିଚ୍ଚ । ଇଦିନ୍ ନେହୁଁ ଆଖ୍‌ଆ ବାଲ୍ଲାର୍ । ନେର୍‌ରେ ଫେର୍ ଏକାଗେ ସୁରୁନାଞ୍ଜା । ବେଙ୍ଗା ଗୁଠିଦ୍ ଆଗେତା ଲେଖେ - ନାଲିଆ, ଡାଣ୍ଡି ପାଡ଼ିଆ ଆଉର ଥାପଡ଼ି ଆସି୍‌ସିଆ । ଏଅନ୍ଦା ଗେଛା କେର୍‌କାତି ନେର୍‌ରେ ଫେର୍ ତାଘାଂଏ କୁକ୍ଲାନ୍ କିଇଆ ଗାଡ୍ଡ଼ିଚ୍ଚ । ଆଗେ ତାରା ମାଲ୍‌କେରା । ବେଙ୍ଗା ଗୁଠିଦ୍ ତାଘାଂଏ କୁକ୍କୁତାରା ଫେର୍ ହପ୍‌ରାର୍ କେରାର୍ । ମୌକା ବେଢାକି ନେର୍‌ରେ ଫେର୍ ଅଣ୍ଟେ, ଦୁଇଠୁ ବେଙ୍ଗାନ୍ ଟାପ୍‌କି ମୁଉଖିଚ୍ଚ । ନେର୍‌ରେ ଏନ୍ନେମ୍ ବାହାନା ନାନା କରି ପଖରାତା ବେଙ୍ଗା ଗୁଠିନ୍ ମଅଖା କି ମୁଞ୍ଜିଚ୍ଚ । ନେହୁଁ ଆଖ୍‌ଆ ବାଲ୍ଲାର୍ ।



ସାପ ବେଙ୍ଗକୁ ଖାଇବା ପାଇଁ ବାହାନା କଲା । ହଠାତ୍ ତା ମୁଣ୍ଡକୁ ତଳେ ନୁଆଁଇ ଦେଲା । ଆଗକୁ ଆଉ ବଢ଼ିଲା ନାହିଁ । ବେଙ୍ଗ ଗୁଡ଼ିକ ତା ମୁଣ୍ଡକୁ ଘେରିଗଲେ । ଏତିକି ବେଳେ ସେ ସୁଯୋଗ ପାଇ ହଠାତ୍ ଗୋଟେ, ଦୁଇଟା ବେଙ୍ଗ ଖାଇଦେଲା । କେହି ଜାଣି ପାରିଲେ ନାହିଁ । ସାପ ପୁଣି ଚାଲିବା ଆରମ୍ଭ କଲା । ବେଙ୍ଗ ଗୁଡ଼ିକ ପୂର୍ବ ଭଳି ନାଚିବା, ଗୀତ ଗାଇବା, ତାଳି ମାରିବା ଆରମ୍ଭ କରିଦେଲେ । କିଛି ଦୂର ଗଲା ପରେ ସାପ ପୁଣି ମୁଣ୍ଡକୁ ନୁଆଇ ଦେଲା । ଆଗକୁ ବଢ଼ିଲା ନାହିଁ । ପୁଣି ତା ମୁଣ୍ଡ ପାଖକୁ ଘେରିଗଲେ । ଏଇ ସୁଯୋଗ ନେଇ ସେ ପୁଣି ଗୋଟେ ଓ ଦୁଇଟା ବେଙ୍ଗ ଖାଇଦେଲା । ସାପ ଏହିପରି ବାହାନା କରି ପୋଖରୀର ବେଙ୍ଗ ଗୁଡ଼ିକୁ ଖାଇ ଶେଷ କରିଦେଲା । କେହି ଜାଣି ପାରିଲେ ନାହିଁ ।



# କୁଇଲି ଅଡ଼ା ହି ଡାଣ୍ଡି
# (କୋଇଲିର ବସା ନାହିଁ)

ଉନ୍ଦୁଲ ଅଣ୍ଟେ କୋହାମ୍ ବାଡ଼ା ମାନ୍ନନୁ ଅଡ଼ା ଗୁଠିହି ସାଭା ଉକ୍କିଆ । : ବେଢା ଅନ୍ନା କାନା ପାଛେ ନାମହାଏ ଖାଢ ଖାରାରିନ୍ ନେହାର ଏରର୍ । ଅରତସ୍ ନିହାତି ରାଆନା ଦାରକାର । ନେ ହାର ଖାଢାରିନ୍ ଏରର୍ ଖା'ପର୍ ଆସ୍‌ଗେ ନାମ ହର୍‌ମାତ ମ'ଖା ଅନାଗେ ଅନ୍ଦ୍ରତ୍ ଚିଅତ୍ ।: ହୁରମି ଅଡ଼ାଗେ ଉନ୍ଦୁଲ୍ ଉନ୍ଦୁଲ୍ ମୌକା ହାଖ୍‌ରା । ନେହୁଁ ଖାଢାରିନ୍ ଚୁପ୍ ନାନା ପାଲ୍ଲାର୍ । ଉନ୍ଦୁଲ କୁଇଲି ଅଡ଼ା ଗେ ମୌକା ହାଖ୍‌ରା । ଇଉନ୍ଦା ସୁନ୍ଦାର ଡାଣ୍ଡି ପାଡ଼ିଆ । ହର୍‌ମା ଖାଢାର୍ ଡାଣ୍ଡି ମେନ୍‌ତେ ମେନ୍‌ତେ ଖାନ୍ଦରାର୍ କେରାର୍ ।

ଦିନେ ଗୋଟିଏ ବଡ଼ ବରଗଛରେ ଚଢେଇ ମାନଙ୍କର ସଭା ବସିଲା । ଆମେ ଚରିବୁଲି ଯିବାପରେ କିଏ ଆମ ଛୁଆପିଲାମାନଙ୍କୁ ଦେଖିବ, ତେଣୁ ଜଣଙ୍କୁ ନିହାତି ରହିବା ଦରକାର । ଯିଏ ଛୁଆ ମାନଙ୍କୁ ଦେଖିବ ତା ପାଇଁ ଆମେ ସମସ୍ତେ ଖାଇବାକୁ ଆଣିଦେବା । ସବୁ ଚଢେଇଙ୍କୁ ଦିନେ ଦିନେ ମୌକା ମିଳିଲା । କେହି ଛୁଆ ମାନଙ୍କୁ ଭଲ ଭାବରେ ଦେଖି ପାରିଲେ ନାହିଁ, କି ଚୁପ୍ କରାଇ ପାରିଲେ ନାହିଁ । ଦିନେ କୋଇଲି ଚଢ଼େଇକୁ ମୌକା ମିଳିଲା । ସେ ଏତେ ସୁନ୍ଦର ଗୀତ ଗାଇ ଶୁଣାଇଲା । ସବୁ ଛୁଆ ଶୁଣୁ ଶୁଣୁ ଶୋଇଗଲେ ।

ପୁତ୍‌ବାରି ଟାଙ୍ଗିୟ ଅଡ଼ା କିର୍‌ଆ  ଇର୍‌ଆ ଯେ ହୁରମି ଅଡ଼ା ଖାଦ୍ଧ ଚୁଟ୍‌କି ରାଇ ।ଆ ଉଲ୍ଲାତି କୁଇଲି ଅଡ଼ାଗେ ନାଲାଖ୍ ହାଖରା ଖାଦ୍ଧାରିନ୍ ଖାପ୍‌ନା ଏରନା । ଥଡ଼େକ୍ ଉଲ୍ଲା କାନା ଖ'ଖା କୁଇଲି ଅଡ଼ା ବିଇ ଚିଇନା ହି ସାମାଇ ଆଣସିଆ । ବିଇ ଚିଆଗେ କୁଇଲି ଅଡ଼ା ଆତରା ଇତ୍‌ରା ମାଞ୍ଜା  । ବିଚରାହି ଖତା ଅଣ୍ଟେ ମାଲ୍ ରାହାଚ୍ଚ । ଆଦ୍ ଗା ଖାଲି ଖାଦ୍ଧାରିନ୍ ଡାଣ୍ଡି ପାଡ଼ାକି ମେନ୍‌ତାଲିଆ । ଖତା କାମ୍‌ଅ ଏକାବାରି  ? ବିଇଡ଼ି ପୁତ୍‌କାତି ହୁର୍‌ମି ଅଡ଼ା ବାର୍‌ଚ୍ଚ । ହର୍‌ମାର୍ ହି ଆଗେ କୁଇଲି ଅଡ଼ା ବାଚ୍ଚ । ଏଙ୍ଗାଗେ  ଅଣ୍ଟେ ଖତା କାମ୍‌ଆ ଚିଆ ।



ସନ୍ଧ୍ୟାରେ ମାଁ ଚଢେଇ ମାନେ ଫେରି ଦେଖିଲେ ଯେ ସବୁ ଚଢେଇ ଛୁଆ ମାନେ ଶୋଇ ପଡ଼ିଛନ୍ତି । ସେଇ ଦିନଠୁଁ କୋଇଲି ଚଢେଇର କାମ ହେଲା ଛୁଆ ଜଗିବା ଓ ଖେଳାଇବା । କିଛି ଦିନ ଗଲାପରେ କୋଇଲି ଚଢେଇର ଅଣ୍ଡା ଦେବାର ସମୟ ଆସିଗଲା । ଅଣ୍ଡା ଦେବାପାଇଁ କୋଇଲି ଚଢେଇ ଏଣେ ତେଣେ ହେଲା । ବିଚରାର ବସାଟିଏ ମଧ୍ୟ ନଥିଲା । ସେ ତ ଖାଲି ଛୁଆ ମାନଙ୍କୁ ଗୀତ ଗାଇ ଶୁଣାଇଲା । ବସା ତିଆରି କରିବ କେଉଁଠି  ? ସନ୍ଧ୍ୟାରେ ସବୁ ଚଢେଇ ବସାକୁ ଫେରିଲେ । ସମସ୍ତଙ୍କ ଆଗରେ କୋଇଲି ଚଢେଇ କହିଲା , ମୋ ପାଇଁ ଗୋଟିଏ ବସା ତିଆରି କରିଦିଅ ।

ଏନ୍ ନିମହାଏ ଖାଦ୍ ଖାରାରିନ୍ ଦିନ ଭାଇର୍ ଏର୍ଦାନ ଖାପଦାନ୍ । ଏଘାଂଏ ଖତା କାମ୍ନାହି ସାମାୟ ଏସାନ୍ ?: ହୁରମି ଅଡ଼ା ଅକ୍ଲାକି ବିଗ୍ଋର୍ ନାଞ୍ଜାର୍ । ଆଦିଗେ ଆଗାର୍ ନାମ୍ ଖତା କାମ୍ଅତ ହଲେ, ଖାଲି ଖତାନୁ ଉକ୍କିରାଅ । ବିଇ ଚିଅ ଆଉର ତାଘାଂଏ ଖାଦ୍ଧ ଖାରାର୍ ମାନର୍ ହଲେ ନାମହାଏ ଖାଦ୍ଧ ଖାରାରିନ୍ ନେ ହାର ଏରର୍ । ଆବ୍ଡାର ଆଉର କୁଇଲି ଆଡ଼ାଗେ ଖତା ମାଲ୍ କାମ୍ଋର୍ । କୁଇଲି ଅଡ଼ା କାଏରାରା କେରା । ଦସରାର୍ ହି ଖତାନ୍ତା ବିଇନ୍ କିଇଆ ଟିଡିଋ । ଆଉର ତାନ ଆ ଖତାନୁ ବିଇ ଚିଋ ।: ଆଉଲାତି କୁଇଲି ଅଡ଼ା ଦୁସରାର୍ ହି ଖତାନୁ ତାନ୍ ଖତା ନାନି ।

ମୁଁ ତୁମର ଛୁଆମାନଙ୍କୁ ଦିନସାରା ଜଗୁଛି । ମୋର ବସା ତିଆରି କରିବାର ସମୟ ନାହିଁ ? ସବୁ ଚଢେଇ ବସି ବିଗ୍ଋର କଲେ । ତା ପାଇଁ ଯଦି ଆମେ ବସା ତିଆରି କରିଦେବା, ହେଲେ ସେ ତ ଖାଲି ବସାରେ ବସିଥିବ । ସେ ଅଣ୍ଡା ଦେବ ଆଉ ତାର ଛୁଆପିଲା ହେଲେ ଆମ ଛୁଆ ପିଲାକୁ କିଏ ଦେଖିବ ? ସେମାନେ ଆଉ କୋଇଲି ଚଢେଇ ପାଇଁ ବସା ତିଆରି କରିଲେ ନାହିଁ । କୋଇଲି ଚଢେଇ ରାଗିଯାଇ ଅନ୍ୟ ମାନଙ୍କର ବସାର ଅଣ୍ଡାକୁ ତଳେ ପକାଇ ଦେଲା । ସେ ନିଜେ ସେ ବସାରେ ଅଣ୍ଡା ଦେଲା । ସେଇ ଦିନଠୁଁ କୋଇଲି ଚଢେଇ ଅନ୍ୟ ମାନଙ୍କର ବସାରେ ଅଣ୍ଡା ଦିଏ ।






# ଜାତୀୟ୍ ଖାଞ୍ଜ୍ପା ଟାଟ୍ଖା
# (ଜାତୀୟ ଫଳ ଆମ୍ବ)

ଉନ୍ଦୁଲ୍ ଖାଞ୍ଜ୍ପା ଗୁଠିହି ସାଭା ଉକ୍କିଆ । ନାମହାଏ ଖାଞ୍ଜ୍ପା ଗୁଠିହି ଅଣ୍ଟେ ରାଜା ରାଆନା ଦାର୍କାର୍ । ଆବଡ଼ାର ସାଭାନୁ ବିଗ୍ଢର୍ ନାଞ୍ଜାର୍ । ଆଲାର୍ ଏକା ମାନ୍ନ, ଖାଞ୍ଜପାନ,ବାଗେ୍ଗ ବେଭାର ନାନର୍ ଆ ଖାଞ୍ଜପାନ୍ ନାମ ରାଜା ବାଅତ୍ । ଇରି୍ ଆର୍ ଯେ ଟାଟ୍ଖା ମାନ୍ନ ହେଢେ ଆଲାର୍ ବାଗେ୍ଗ କେରାର୍ । ପୂଜାନୁ ଆଲାର୍, ଟାଟ୍ଖା ପାତାଇ, ଟାଟଖା କାଙ୍କ ହଗ୍ଢର୍ । ଦାଓ୍ବା ଗେ ମାନ୍ନ ହି ବାକଲା, ପାତାଇ, ଟାଟ୍ଖାହି, ଆଠୁନ୍ ଭି ଆଲାର ବେବାହାର ନାଞ୍ଜାର୍ । ଖେନା ଟାଟଖାନ୍ ହୁଁ ମଖାର୍ ।

ଦିନେ ଫଳ ମାନଙ୍କର ସଭା ବସିଲା । ଆମ ଫଳ ମାନଙ୍କର ଗୋଟିଏ ରାଜା ଥିବା ଦରକାର, ସେମାନେ ସଭାରେ ସ୍ଥିର କଲେ । ମଣିଷ ମାନେ ଯେଉଁ ଗଛ, ଫଳକୁ ବେଶି ବ୍ୟବହାର କରିବେ ସେହି ଫଳକୁ ଆମେ ରାଜା ବୋଲି ମାନିବା । ଦେଖିଲେ ଯେ ଆମ୍ବ ଗଛ ପାଖକୁ ଲୋକେ ବେଶି ଗଲେ । ପୂଜାରେ ଲୋକମାନେ, ଆମ୍ବପତ୍ର, ଆମ୍ବ କାଠି ନେଲେ । ଔଷଧ ପାଇଁ ଗଛର ବକଳ, ପତ୍ର, ଆମ୍ବର ଟାକୁଆ ମଧ୍ୟ ଲୋକମାନେ ବ୍ୟବହାର କଲେ । କଞ୍ଚା ଆମ୍ବ ଫଳକୁ ମଧ୍ୟ ଖାଇଲେ ।

ଆଲାର୍ ଆଗ୍ଢର ହୁଁ ଉଇଆର୍ । ବିଡ଼ନା ଲାଇ ହଲେ ଖେନା ଟାଟଖାନ୍ ଦାଓ୍ବା ହି ରୂପ ନୁ ବେଭାର ନାନ୍ନାର୍ । ପାଞ୍ଜ୍କା ଟାଟଖା ମୁରଖେ ଏମ୍ମା । ଇ ଟାଟଖା, ପାଢାଡି ହଆକି କହାଁ, କହାଁ ସାହାର୍ନୁଭି ହାଖି୍ରି । ଇ ଦିଗେ ଆଲାର ଇ ଖାଞ୍ଜପାନ୍ ମୁର୍ଖେ ଖେନ୍ଦ୍ନାର୍ ମ'ଖନାର୍ । ଆଦିଗେ ଟାଟ୍ଖାନ୍ ରାଜା ବାଆକି ହୁର୍ମି ଖାଞ୍ଜପା ସାମ୍ମାନ ଚିଗ୍ଢର । ଇଦିନ୍ ଦେଶ୍ ତା ଆଲାର୍ ହୁଁ ଜାତୀୟ ଖାଞ୍ଜପା ରୂପନୁ ମାନ୍ଗ୍ଢର ।



ଲୋକମାନେ ଆଗ୍ଢର ତିଆରି କଲେ । ଖରାରେ ଝାଉଁ ମାରିଲେ କଞ୍ଚା ଆମ୍ବ ଔଷଧ ରୂପେ କାମ କରେ । ପାଚିଲା ଆମ୍ବ ଭାରି ସୁଆଦିଆ । ଏହି ଆମ୍ବ ଗାଁରୁ ନେଇକି ବଡ଼ ବଡ଼ ସହରରେ ମଧ୍ୟ ମିଳିଥାଏ । ତେଣୁ ଲୋକମାନଙ୍କର ଚ୍ହିଦା ବେଶି । ତେଣୁ ଆମ୍ବକୁ ରାଜା ବୋଲି ସବୁ ଫଳ ସମ୍ମାନ ଦେଲେ । ଏହାକୁ ଦେଶର ଲୋକମାନେ ମଧ୍ୟ ଜାତୀୟ ଫଳ ରୂପେ ମାନିଲେ ।